୬ ଆଜି ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଦିନିକିଆ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୨ ● ସଂଖ୍ୟା-୩୪୪ ● ୧୧ ଜାନୁଆରୀ ୨୦୨୬, ରବିବାର ● ଭୁବନେଶ୍ୱର ● Vol -32 ● Issue-344 ● 11th January 2026, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ସମ୍ବଲପୁରକୁ ୯୪୮ କୋଟିର ୨୫ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

# ସମ୍ବଲପୁର ବିକାଶ, ସନ୍ତୁଳିତ ବିକାଶ ଏବଂ ସୁଶାସନର ଏକ ଅଭିନ୍ନ ଅଙ୍ଗ

ସମ୍ବଲପୁର/ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ସମ୍ବଲପୁର ଗସ୍ତରେ ଆସି ଏଠାରେ ଜିଲ୍ଲା ପାଇଁ ପ୍ରାୟ ୯୪୮ କୋଟି ଟଙ୍କା ମୂଲ୍ୟର ୨୫ଟି ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସୂଚନା ଯୋଗ୍ୟ ଯେ ସେଥିରୁ ୫୭ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୧୪ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଥିବା ବେଳେ ୮୯୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୧ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।

ପ୍ରକାଶ ଥାଉକି ଏହି ସମସ୍ତ ଉନ୍ନତିମୂଳକ ପ୍ରକଳ୍ପ ମଧ୍ୟରେ ସଡକ, ସେତୁ ନିର୍ମାଣ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଗୋଦାମ ଗୃହ, ଅଟଳ ବସ୍‌ଷ୍ଟାଣ୍ଡ, ଛାତ୍ରୀନିବାସ, ପର୍ଯ୍ୟଟନ ବିକାଶ, ପାନୀୟ ଜଳ ଭଳି ଅନ୍ୟାନ୍ୟ ଉନ୍ନୟନ ପ୍ରକଳ୍ପ ସାମିଲ ଅଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅଭିଭାଷଣ ରଖି ସମ୍ବଲପୁରର ବିକାଶଧାରାକୁ ଆଗେଇ ନେବା ପାଇଁ ଲୋକଙ୍କ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିବା ସହିତ ସମ୍ବଲପୁର ବିକାଶକୁ ସନ୍ତୁଳିତ ବିକାଶ ଏବଂ ସୁଶାସନର ଏକ ଅଭିନ୍ନ ଅଙ୍ଗ ବୋଲି କହିଥିଲେ ।



ସମ୍ବଲପୁର ଜିଲ୍ଲାର ବିକାଶ ଯାତ୍ରାରେ ଏ ସବୁ ପ୍ରକଳ୍ପ ଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବ । ଏହି ସମସ୍ତ ପ୍ରକଳ୍ପ ଗୁଡ଼ିକ ସମ୍ବଲପୁର ଜିଲ୍ଲାରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ । ସମ୍ବଲପୁର ସହର ତ ଏମିତି ଭାବେ ଓଡ଼ିଶାର ଏକ ସୁନ୍ଦର ସହର । ଆଗାମୀ ଦିନରେ ଏ ସବୁ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସହରର ସୌନ୍ଦର୍ଯ୍ୟ ଆହୁରି ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ରାଜ୍ୟର ପ୍ରମୁଖ ଶକ୍ତିପୀଠ ତଥା ଦର୍ଶନୀୟ ସ୍ଥାନ ଭାବେ ମା' ସମଲେଇଙ୍କ ମନ୍ଦିରର ବିକାଶ ପାଇଁ ୩୧୬ କୋଟି ଟଙ୍କା ବିନିଯୋଗ ସହିତ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ କାମ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ପ୍ରଥମ ପର୍ଯ୍ୟାୟରେ ମନ୍ଦିର ଚତୁପାର୍ଶ୍ୱର କରିଡର ନିର୍ମାଣ, ଗୋପାଳଜୀଉ ମଠର ବିକାଶ, ଦୀପ ଘର, ପାର୍କିଂ ସୁବିଧା, ସହିତ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ରହିଛି । ଦ୍ୱିତୀୟ ପର୍ଯ୍ୟାୟରେ ଭକ୍ତ ନିବାସ, ଲେକ୍ ଜୋନ୍, ଦୋକାନ ଗୃହ, ଫୁଡ ପାର୍କ, ପାର୍କିଂ ଏବଂ ପ୍ରବେଶ ପଥ ବିକଶିତ କରାଯିବ । ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ କେବଳ ମହାନଦୀ ତଟ ସୌନ୍ଦର୍ଯ୍ୟକରଣ ବା ମହାନଦୀ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ଯୋଜନାରେ ୧୬୦ କୋଟି ଟଙ୍କା ବିନିଯୋଗରେ (ପୃଷ୍ଠା ୭ରେ)

# ରାଉରକେଲାରେ ବିମାନ ଦୁର୍ଘଟଣା

# ୨ ପାଇଲଟ୍‌ଙ୍କ ସମେତ ୬ ଆହତ

ସାରନଗରୀ, ୧୦।୧

ଭୁବନେଶ୍ୱରରୁ ରାଉରକେଲାକୁ ଆସୁଥିବା ବେଳେ ଜଲଦା କାଏଁସର ଗ୍ରାମର ପଡ଼ିଆ ନିକଟରେ ବୈଷୟିକ ତ୍ରୁଟି ଯୋଗୁଁ ଏକ ୯ ସିଟର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ତଳେ ପଡିଯାଇଛି । ଏହାଫଳରେ ୨ ପାଇଲଟଙ୍କ ସମେତ ୬ ଆହତ ହୋଇଥିବା ଜଣାଯାଇଛି । ଘଟଣା ସ୍ଥଳରେ ଗାଁ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଥିବା ବେଳେ ଜଲଦା, ରଘୁନାଥପାଲୀ ପୁଲିସ, ଲାଠିକଟା ପୁଲିସ ପହଞ୍ଚି ଘଟଣା ସ୍ଥଳରୁ ଆହତମାନଙ୍କୁ ଡାକ୍ତରଖାନାକୁ ପଠାଇ ଥିଲେ । ପାଇଲଟ୍ ନବୀନ ଖଙ୍ଗାରା ଗୁରୁତର ଥିବା ସୂଚନା ମିଳିଛି । ସହ ପାଇଲଟ୍ ତରୁଣ ଶ୍ରୀବାସ୍ତବ, ଯାତ୍ରୀ ଅନିତା ସାହୁ, ସବିତା ଅଗ୍ରୱାଲ୍ ଓ ସୁନୀଲ ଅଗ୍ରୱାଲ୍ ଆହତ ହୋଇଥିବା ବେଳେ ଅନ୍ୟ ଜଣେ ଯାତ୍ରୀଙ୍କର ପରିଚୟ ମିଳିନାହିଁ ।

ଏନେଇ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ହେତୁ ଏଭଳି ଅଘଟଣ ଘଟିଥିବା ଜଣାଯାଇଛି । ଭଗବାନଙ୍କ ଆଶୀର୍ବାଦରୁ କାହାରି କିଛି କ୍ଷତି ହୋଇନାହିଁ । ଯାତ୍ରୀମାନଙ୍କ ଅବସ୍ଥା ଭଲ ଅଛି । ଏହି ଘଟଣାର ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି । ଘଟଣାସ୍ଥଳରେ ରାଉରକେଲା ଏସପି ପହଞ୍ଚି ଅନୁଧ୍ୟାନ କରୁଛନ୍ତି ।



## ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ରାଉରକେଲାଠାରେ ବିମାନ ଦୁର୍ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏହାସହ ଆହତ ବ୍ୟକ୍ତି ମାନଙ୍କୁ ଚିକିତ୍ସା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି ରାଉରକେଲାଠାରେ ଘଟିଥିବା ବିମାନ ଦୁର୍ଘଟଣା ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଖବର ଆଶ୍ୱସ୍ତିକର । ଏହି ଘଟଣାରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଛି । ମୁଁ ବ୍ୟକ୍ତିଗତ (ପୃଷ୍ଠା ୭ରେ)

# ୭ଦିନରୁ ଅଧିକ ଅନୁପସ୍ଥିତ ରହୁଥିବା ଛାତ୍ରଙ୍କ ଘରକୁ ଯିବେ ଶିକ୍ଷକ

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ଶିଶୁମାନଙ୍କର ଅଧିକାର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ବିଦ୍ୟାଳୟଗୁଡ଼ିକରେ ଦୀର୍ଘ ସମୟ ଧରି ଅନୁପସ୍ଥିତିକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ (ଡିଇଇ) ପକ୍ଷରୁ ବିଦ୍ୟାଳୟ କାର୍ଯ୍ୟାଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରାଯାଇଛି । ଏହା ଅନୁଯାୟୀ, ଯଦି କୌଣସି ଛାତ୍ର ସାତ ଦିନ କିମ୍ବା ତାହାଠାରୁ ଅଧିକ ସମୟ ପର୍ଯ୍ୟନ୍ତ ବିଦ୍ୟାଳୟରେ ଅନୁପସ୍ଥିତ ରହେ, ତେବେ ଶିକ୍ଷକ କିମ୍ବା ବିଦ୍ୟାଳୟ ଅଧିକାରୀମାନେ ତାଙ୍କ ଘରକୁ ଯାଇ ସ୍ଥିତି ବିଷୟରେ ତଥ୍ୟ ସଂଗ୍ରହ କରିବେ ।

ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅଧୀନସ୍ଥ ଡିଇଇ ପକ୍ଷରୁ ଜାରି କରାଯାଇଥିବା ଅଧିସୂଚନା ଅନୁସାରେ, ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଏବଂ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ମାନଙ୍କୁ ଏହି ନିର୍ଦ୍ଦେଶର ତୁରନ୍ତ କାର୍ଯ୍ୟକାରୀ ଏବଂ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ କୁହାଯାଇଛି । ଏହି ନିର୍ଦ୍ଦେଶ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର) ଠାରୁ ପ୍ରାପ୍ତ ପତ୍ରାଚାର ପରେ ଜାରି କରାଯାଇଛି ।



ଅଧିସୂଚନାରେ କୁହାଯାଇଛି, "ଏକ ସପ୍ତାହ କିମ୍ବା ତାହାଠାରୁ ଅଧିକ ସମୟ ଧରି ଅନୁପସ୍ଥିତ ଥିବା ଛାତ୍ରମାନଙ୍କ ଘରକୁ ଯାଇ ସମ୍ପର୍କ ସ୍ଥାପନ କରିବା ପାଇଁ ବିଦ୍ୟାଳୟ କାର୍ଯ୍ୟାଧିକାରୀମାନଙ୍କୁ ପରାମର୍ଶ ଦିଆଯାଉଛି ।" ଏଥିରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ଏହି ପରାମର୍ଶ ଶିଶୁ ଅଧିକାର ସୁରକ୍ଷାର ଉଦ୍ଦେଶ୍ୟରେ ଜାରି କରାଯାଇଛି ଏବଂ ଏହାଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ।

ଚିଠିରେ ସମସ୍ତ ଡିଇଓ ଓ ବିଇଓ ମାନଙ୍କୁ ନିଜ-ନିଜ ସ୍ତରରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ନୂତନ ନିର୍ଦ୍ଦେଶ ଅନୁସାରେ, ସାତ ଦିନରୁ ଅଧିକ ସମୟ ଧରି ଅନୁପସ୍ଥିତ ଥିବା କୌଣସି ଛାତ୍ରଙ୍କ ଘରକୁ ଯାଇ ତାଙ୍କ ଅନୁପସ୍ଥିତିର କାରଣ ଜାଣିବା ଏବଂ ଉପଯୁକ୍ତ ସୁଧାରାତ୍ମକ ପଦକ୍ଷେପ ନେବା ଅନିବାର୍ଯ୍ୟ ହେବ ବୋଲି କୁହାଯାଇଛି ।

ଏହି ନିର୍ଦ୍ଦେଶ ସମ୍ପର୍କରେ ଔପଚାରିକ ଭାବରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବଙ୍କୁ ମଧ୍ୟ ଅବଗତ କରାଯାଇଛି । ବିଦ୍ୟାଳୟ ଛାଡ଼ିବା (ଡ୍ରପଆଉଟ୍) ପ୍ରବୃତ୍ତିକୁ ରୋକିବା, ଛାତ୍ରମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ତୃଣମୂଳସ୍ତରରେ ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ମଜଭୁତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି ବୋଲି ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।

## ଆଜିର ମୁଖ୍ୟ ଖବର

- ସ୍କୁଲରେ କଂକ୍ରିଟ ଖସି ଛାତ୍ର ମୃତ୍ୟୁ, ତଦନ୍ତ ନିର୍ଦ୍ଦେଶ ।
- ନବରଙ୍ଗପୁରରେ ଦୁଇ ବନ୍ୟଜନ୍ତୁ ଚୋରାଚାଲାକାରୀ ଗିରଫ ।
- ତାମିଲନାଡୁରେ ଭାରୀ ବର୍ଷା ସତର୍କତା ।
- ଶୀତରେ ଫସଲ ପ୍ରଭାବିତ, କୃଷକ ଚିନ୍ତିତ ।
- ଉତ୍ତର ଓ ମଧ୍ୟ ଭାରତରେ ଶୀତ ପ୍ରକୋପ ବଢ଼ିଛି ।
- ଭାରତ ଓ ଅମେରିକା ବାଣିଜ୍ୟ ଆଲୋଚନା ଜାରି ।
- ପରିବହନ ସମସ୍ୟାକୁ ନେଇ ଯୁବ କଂଗ୍ରେସର ପ୍ରତିବାଦ ।
- ସମଗ୍ର ରାଜ୍ୟରେ ଶୀତ ପ୍ରକୋପ ବଢ଼ିଛି, ରାତିର ତାପମାତ୍ରା ଅଧିକ କମିଛି ।
- ସ୍ଲିପର ବସରେ ପାଣିଟାଙ୍କି ବାଧ୍ୟତାମୂଳକ ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୪୬ (+୧୧୫)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୮୭୫ (+୧୦୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୫୩୪ (+୮୬)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୫ (+୭)

## ଶକ୍ତି କ୍ଷେତ୍ରର କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

# ସୁଲଭ, ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ ସୁନିଶ୍ଚିତ କରିବାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଶନିବାର ଶକ୍ତି ବିଭାଗ ଏବଂ ଏହି କ୍ଷେତ୍ରର ସରକାରୀ ଉଦ୍ୟୋଗର କାର୍ଯ୍ୟ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ । ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ଶକ୍ତି ବିଭାଗ ସମ୍ପର୍କିତ ପ୍ରଥମ ସମୀକ୍ଷା ବୈଠକ ଥିଲା । ରାଜ୍ୟବାସୀଙ୍କୁ ସୁଲଭ, ନିରବଚ୍ଛିନ୍ନ, ବିଶ୍ୱସନୀୟ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ଓପିଟିସିଏଲର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ଡଃ. ସତ୍ୟପ୍ରିୟ ରଥ, ଓପିଜିସିର ପରିଚାଳନା ନିର୍ଦ୍ଦେଶକ କେଦାରରଞ୍ଜନ ପାଣ୍ଡୁ, ସମସ୍ତ ଚାରିଟି ବିଦ୍ୟୁତ ବିତରଣ (ପୃଷ୍ଠା ୭ରେ)




# ବାଂଲାଦେଶ ସୀମାରେ ୧୧୦୦ ଅନୁପ୍ରବେଶ ଉଦ୍ୟମ

ନୂଆଦିଲ୍ଲୀ, ୧୦।୧

ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଗାଦିଚ୍ୟୁତ ହୋଇ ଦେଶ ଛାଡିବା ପରେ ଭାରତର ପୂର୍ବସୀମା ସଂଲଗ୍ନ ବାଂଲାଦେଶରେ ପ୍ରାୟ ଦେଢ ବର୍ଷ ଧରି ରାଜନୈତିକ ଅସ୍ଥିରତା ଲାଗି ରହିଛି । ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ପରିଚାଳିତ ଅନ୍ତରୀଣ ସରକାର ଆଇନ ଶୃଙ୍ଖଳା ବଜାୟ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ମୌଳବାଦୀ ସଂଗଠନଗୁଡିକ ଅଧିକ ମାତ୍ରାରେ ସକ୍ରିୟ ହୋଇପଡିଥିବା ବେଳେ ବାଂଲାଦେଶରେ ବାସ କରୁଥିବା ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅକଥନୀୟ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଭାରତ-ବାଂଲାଦେଶ ସୀମା ପ୍ରାୟ ଉତ୍ତେଜନାପୂର୍ଣ୍ଣ ଓ ଘଟଣା ବହୁଳ ହୋଇପଡିଛି । ୨୦୨୫ରେ ବାଂଲାଦେଶ ସଂଲଗ୍ନ ସୀମାରେ ୧୧୦୦ ଅନୁପ୍ରବେଶ ଉଦ୍ୟମ ଘଟଣା ଘଟିଥିବା ସରକାରୀ ଭାବେ କୁହାଯାଇଛି । ୨୦୨୪ରେ ଏହି ସଂଖ୍ୟା ୯୭୭ରେ ସୀମିତ ରହିଥିଲା । ଭାରତ ସୀମାକୁ ଲାଗିଥିବା ଅନ୍ୟ ସୀମାନ୍ତ (ପୃଷ୍ଠା ୭ରେ)

# ମେକ୍ ଆମେରିକା ଗ୍ରେଟ୍ ଏଗେନ୍‌କୁ ନେଇ ଭାରତୀୟ ବିଚାରପତିଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ନୂଆଦିଲ୍ଲୀ, ୧୦।୧

ଜଣେ ଭାରତୀୟ-ଆମେରିକୀୟ ଫେଡେରାଲ୍ ବିଚାରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନର କୋଟି କୋଟି ଡଲାରର ଫେଡେରାଲ୍ ପାଣ୍ଠିକୁ ଫ୍ରିଜ୍ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଅବରୋଧ କରିବା ପରେ ମେକ୍ ଆମେରିକା ଗ୍ରେଟ୍ ଏଗେନ୍(ଏମଏଜିଏ) ସମର୍ଥକମାନଙ୍କ ଦ୍ୱାରା ଟାର୍ଗେଟ୍‌ର ଶିକାର ପାଲଟିଛନ୍ତି । ଭାରତୀୟ ବଂଶୋଦ୍ଭବ ବିଚାରପତି ଟ୍ରମ୍ପ୍‌ଙ୍କ ନୀତିକୁ ବାଧା ଦେଉଥିବା ରାୟ ନେଇ ଚର୍ଚ୍ଚାରେ ରହିଛନ୍ତି ।




ନ୍ୟୁୟର୍କର ଦକ୍ଷିଣ ଜିଲ୍ଲାର ଫେଡେରାଲ୍ ବିଚାରପତି ଅରୁଣ ସୁବ୍ରମଣ୍ୟମ ପାଞ୍ଚଟି ଡେମୋକ୍ରାଟିକ୍ ନେତୃତ୍ୱାଧୀନ ରାଜ୍ୟରେ ଶିଶୁ ଯତ୍ନ ଏବଂ ସାମାଜିକ ସେବା ପାଇଁ ପ୍ରାୟ ୧୦ ବିଲିୟନ ଡଲାରର ଫେଡେରାଲ୍ ପାଣ୍ଠିକୁ ଫ୍ରିଜ୍ କରିବା ପାଇଁ ଟ୍ରମ୍ପ୍ ପ୍ରଶାସନର ନିଷ୍ପତ୍ତିକୁ ସ୍ଥଗିତ କରି ଏକ ଅସ୍ଥାୟୀ ପ୍ରତିବନ୍ଧକ ଆଦେଶ(ଟିଆରଓ) ଜାରି କରିଛନ୍ତି । ଏହି ଆଦେଶ କାଲିଫର୍ଣ୍ଣିଆ, କଲୋରାଡୋ, ଇଲିନୋଇସ୍, ମିନେସୋଟା ଏବଂ ନ୍ୟୁୟର୍କର ଆଟର୍ଣ୍ଣି ଜେନେରାଲଙ୍କ ଦ୍ୱାରା ଆଗତ ଏକ ମାମଲା ପରେ ଆସିଛି । ସେ ଯୁକ୍ତି ଦର୍ଶାଇଥିଲେ, ସ୍ୱାସ୍ଥ୍ୟ ଏବଂ ମାନବ ସେବା ବିଭାଗ (ଏଚଏଚଏସ) ପାଖରେ ପାଣ୍ଠିକୁ ସ୍ଥଗିତ କରିବାର କୌଣସି ଆଇନଗତ ଆଧାର ନାହିଁ । (ପୃଷ୍ଠା ୭ରେ)

## ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୨ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ଜାନୁଆରୀ ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି କୁହାଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦ ପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଏକାଳ ପଖାଳ



କିଛି ବି ଭଲ ଚାଲିନି ଭାଇନା
ହନ୍ତସନ୍ତ ଦୁଇ ଦଳ
ନିଇତି ରାମ୍ପୁଡା କାମୁଡା ହୁଅନ୍ତି
ଛାଡୁଛନ୍ତି ହଳହଳ
ଫେରିପାଇବାକୁ ବଳ
ଚେଷ୍ଟା କରିବାଟା ଦେଖାଯାଉନାହିଁ
ମନଗୁଡା ଫାଳଫାଳ ।

# ଗ୍ରୀନ୍‌ଲ୍ୟାଣ୍ଡ କିଣିବେ ଟ୍ରମ୍ପ



ୱାଶିଂଟନ, ୧୦।୧

ଆମେରିକା ଦ୍ୱାରା ଭେନେଜୁଏଲା ଅକ୍ତିଆର ପରେ ଏବେ ଟ୍ରମ୍ପଙ୍କ ନଜର ଗ୍ରୀନଲ୍ୟାଣ୍ଡ ଉପରେ । ଗ୍ରୀନଲ୍ୟାଣ୍ଡ ଉପରେ ଆଖି ପକାଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ଏହି ପାହାଡ଼ ଘେରା ଦେଶକୁ କଳେବଳେ କୌଶଳେ ଅକ୍ତିଆର କରିବା ପ୍ରୟାସରେ ଟ୍ରମ୍ପ । ଏହି ଦେଶକୁ ହାସଲ କରିବା ପାଇଁ ଟ୍ରମ୍ପ ଯେକୌଣସି ସ୍ତରକୁ ଯାଇପାରିବେ ବୋଲି କହିଛନ୍ତି ନିଜେ ଟ୍ରମ୍ପ । ହ୍ୱାଇଟ୍ ହାଉସ୍ ମୁଖପାତ୍ର କାରୋଲିନ୍ ଲେଭିଟ୍ କହିଛନ୍ତି ଯେ ଏହା ଆମେରିକାର ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ତାଙ୍କ ସରକାର ସାମରିକ ଶକ୍ତି ସମେତ ଏହାକୁ ହାସଲ କରିବାର ଉପାୟ ଅନୁସନ୍ଧାନ କରୁଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଗ୍ରୀନଲ୍ୟାଣ୍ଡକୁ କବ୍‌ଜା କରିବା ବିଷୟରେ ବାରମ୍ବାର କଥା ହୋଇଛନ୍ତି । ତାଙ୍କର ସଦ୍ୟତମ ବୟାନ ଉତ୍ସାହକୁ ଆହୁରି ବଢାଇ ଦେଇଛି । ଟ୍ରମ୍ପ ଖୋଲାଖୋଲି ଭାବରେ କହିଛନ୍ତି ଯେ ଯଦି ଆମେରିକା 'ସହଜ ଉପା' ଭାବରେ ଗ୍ରୀନଲ୍ୟାଣ୍ଡକୁ ଅଧିଗ୍ରହଣ କରିପାରିବ ନାହିଁ, ତେବେ ସେ 'କଠିନ ଉପାୟ' ଗ୍ରହଣ କରିବେ । ଟ୍ରମ୍ପ ଆହୁରି କହିଛନ୍ତି, 'ମୁଁ ଡେନମାର୍କର ଜଣେ ପ୍ରଶଂସକ; ସେମାନେ ମୋ ପ୍ରତି ଭଲ ବ୍ୟବହାର କରିଛନ୍ତି ।' ଟ୍ରମ୍ପ ବାରମ୍ବାର କହିଛନ୍ତି ଯେ ଗ୍ରୀନଲ୍ୟାଣ୍ଡ ଜାତୀୟ ସୁରକ୍ଷା ପାଇଁ (ପୃଷ୍ଠା ୭ରେ)

# ଶୀତରୁ ନିସ୍ତାର ନାହିଁ: ୬ ଜିଲ୍ଲାକୁ ସତର୍କ ସୂଚନା

ଭୁବନେଶ୍ୱର, ୧୦।୧

ନ୍ୟୁଜ୍ ବ୍ୟୁରୋ

ଶୀତରୁ ନିସ୍ତାର ନାହିଁ । ଏଭଳି ସ୍ଥିତିରେ ଶୀତ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣି ପାଗ ବିଭାଗ । ରାଜ୍ୟର ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାଗୁଡିକ ହେଲା ଝାରସୁଗୁଡ଼ା, ସୁନ୍ଦରଗଡ଼, ଜଗତସିଂହପୁର, କଟକ, ଖୋର୍ଦ୍ଧା, ଅନୁଗୋଳ ।

ଅନ୍ୟପକ୍ଷେ ରାଜ୍ୟରେ ୧୬ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ । କୌଣସି ବର୍ଷା ସମ୍ଭାବନା ନ ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟରେ ଗତ ୨ ସପ୍ତାହେ ହେଲା ଶୀତ ପ୍ରକୋପ ଲାଗି ରହିଛି । ଏଭଳି ଲଗାତାର ଶୀତ ବିଗତ ବର୍ଷମାନଙ୍କରେ ଅନୁଭୂତ ହୋଇ ନ ଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

କନ୍ଧମାଳଜିଲ୍ଲା ଘ୍ରୁ.ଉଦୟଗିରି ଅଞ୍ଚଳରେ ଶୀତ କମିବାର ନାଁ ଧରୁନି । ଚଳିତ ବର୍ଷ ଶୀତର ପ୍ରକୋପ ବଢିବା ସହ ହାଡ଼ଭଙ୍ଗା ଶୀତରେ ସାରା ଅଞ୍ଚଳ ଥରହର ହେଉଛି । ଗତ ସପ୍ତାହ ହେଲା ପାରଦ ତଳମୁହାଁ ହେବା ସହ ଅସହ୍ୟ ଶୀତ ଜନଜୀବନକୁ ଅସ୍ତବ୍ୟସ୍ତ କରିବାରେ ଲାଗିଛି । ଶୁକ୍ରବାର ପାରଦ ୨.୬ ଡିଗ୍ରୀ ଥିବା ବେଳେ ଶନିବାର ୩.୨ ଡିଗ୍ରୀ ରେକର୍ଡ ହୋଇଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଜାନୁଆରୀ ୨୦୨୬ ରବିବାର





## ପିୟୁସିସିକୁ ନେଇ ହାଇକୋର୍ଟଙ୍କ ନୋଟିସ

# ୨ ସପ୍ତାହ ଭିତରେ ଜବାବ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**

ପଲ୍ୟୁସନ୍ ସାର୍ଟିଫିକେଟ୍ ଆଳରେ ଚାଲାଣ କଟିବାକୁ ନେଇ ଜନ ଅସନ୍ତୋଷ ବଢୁଥିବା ଦେଖି ଅବଧି ପରେ ଅବଧି ବଢ଼ାଇ ଚାଲିଛନ୍ତି ରାଜ୍ୟ ସରକାର । ଜାନୁଆରୀ ପରେ ମାର୍ଚ୍ଚ, ଆଉ ଏବେ ଏପ୍ରିଲ ଯାଏଁ ଗଲାଣି କଥା । ଏହାର ସୁଯୋଗ ନେଇ ବିରୋଧୀ ସରକାରଙ୍କୁ ଘେରିଛନ୍ତି । ସୋସିଆଲ୍ ମିଡିଆରେ ସରକାରଙ୍କୁ କଡ଼ା ଟାର୍ଗେଟ୍ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । କହିଛନ୍ତି ପୂର୍ବ ପ୍ରସ୍ତୁତି ନକରି ତରବରିଆ ଭାବେ ନିୟମ ଲାଗୁ କରି ଲୋକଙ୍କୁ ହଇରାଣ କରୁଛନ୍ତି । ଏଭଳି ବ୍ୟବସ୍ଥାକୁ ଇଂରେଜ ଶାସନ ସହ ତୁଳନା କରିଛନ୍ତି ପିସିସି ସଭାପତି । ଯାହାର କଡ଼ା ଜବାବ ରଖିଛି ବିଜେପି । ଏହା ଭିତରେ ପିୟୁସିସିକୁ ନେଇ ନୋଟିସ୍ କରିଛନ୍ତି ହାଇକୋର୍ଟ । ୨ ସପ୍ତାହ ଭିତରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପଲ୍ୟୁସନ ସାର୍ଟିଫିକେଟ୍ ନଥିଲେ ଜରିମାନା ଦେବାକୁ ହେବ, ଏଭଳି ନିୟମର ବୈଧତା ଉପରେ ପ୍ରଶ୍ନ ଉଠିଛି । ସଂଶୋଧିତ ମୋଟର ଭେହିକିଲ ଆକ୍ଟ ୨୦୧୯ ମୁତାବକ ଏଭଳି କୌଣସି ନିୟମ ନଥିବା ଦର୍ଶାଇ ହାଇକୋର୍ଟରେ ଦାୟର ହୋଇଛି ରିଟ୍ ପିଟିସନ୍ । ଶୁକ୍ରବାର ଉକ୍ତ ଆବେଦନର ଶୁଣାଣି କରି ରାଜ୍ୟ ପରିବହନ ସଚିବ ଏବଂ ଏସ୍‌ଟିଏ କମିଶନରଙ୍କୁ ଜବାବ ତଲବ କରିଛନ୍ତି ହାଇକୋର୍ଟ । ୨ ସପ୍ତାହ ଭିତରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ହୋଇଛି । ଦାୟର ଆବେଦନରେ ଉଲ୍ଲେଖ ରହିଛି କି ଜଣେ ଭୁବନେଶ୍ୱର ବାସିନ୍ଦା ପୁରୀ ଯାଉଥିବା ବେଳେ ପିପିଲି ଟୋଲ୍ ଗେଟ୍‌ରେ ତାଙ୍କର ଚାଲାଣ କଟିଛି । ବୈଧ ପଲ୍ୟୁସନ୍ ସାର୍ଟିଫିକେଟ୍ ନଥିବା କାରଣରୁ ଜରିମାନା ଦେବାକୁ କୁହାଯାଇଛି । ହେଲେ ସଂଶୋଧିତ ମୋଟର ଭେହିକିଲ ଆକ୍ଟ ମୁତାବକ ଏହି ଢଙ୍ଗରେ ଚାଲାଣ କଟାଯାଇ ପାରିବନାହିଁ । ବରଂ ଗାଡି କାରଣରୁ ଉଭୟ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ହେଉଥିବାର ପ୍ରମାଣ ଦେବାକୁ ହେବ । ଯଦି ଗାଡିର ପଲ୍ୟୁସନ୍ ସାର୍ଟିଫିକେଟ୍ ନାହିଁ, ତେବେ ଗାଡି ମାଲିକଙ୍କୁ ପ୍ରଥମେ ନୋଟିସ୍ କରାଯିବ । ୭ ଦିନ ଭିତରେ ନିଜ ଗାଡିକୁ ପରୀକ୍ଷା କରାଇନେବା ଲାଗି ଆଇନ୍‌ରେ ପ୍ରାବଧାନ ରହିଛି । କିନ୍ତୁ ରାଜ୍ୟରେ ତାର ଖୋଲା ଉଲ୍ଲଂଘନ କରାଯାଉଛି ଏବଂ ମନଇଚ୍ଛା ଚାଲାଣ କଟାଯାଉଥିବା ଆବେଦନକାରୀ ହାଇକୋର୍ଟଙ୍କୁ ଦର୍ଶାଇଛନ୍ତି ।







## ନିର୍ଦ୍ଧାରିତ ସମୟରେ ଶୃଙ୍ଖଳିତ ଧାନ କ୍ରୟ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜମଧର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର୍ ଆୟର୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲାପାଳ ସରକାରୀ ନିୟମ ଅନୁଯାୟୀ ସମସ୍ତ ପଞ୍ଜିକୃତ ଚାଷୀମାନଙ୍କ ଧାନ ନିର୍ଦ୍ଧାରିତ ସମୟରେ ଶୃଙ୍ଖଳିତ ଭାବେ କ୍ରୟ କରିବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ଯୋଗାଣ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ଥିରିକୃତ ନିୟମାବଳୀ ବିଷୟରେ ମତ ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମବାୟ ସମିତିର ଉପନିବନ୍ଧକ ପ୍ରଭାକର ନାୟକ, ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ଆର୍‌ଏମ୍‌ସି ସମ୍ପାଦକ ବିଦ୍ୟାଧର ବେହେରା, ବିକ୍ରମ ରାଉତରାୟ, ଆର୍‌ଏମ୍‌ସି ଉପସଭାପତି ବିଜୟ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଜମଧର ପେକ୍ସ ସମ୍ପାଦକ ବୈରାଗୀ ଚରଣ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଜିତେନ୍ଦ୍ର ପାଗଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଚାଷୀ ସଂଘର ସଭାପତି ଶରତ ଚନ୍ଦ୍ର ମିଶ୍ର ଚାଷୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ଜମଧର ପ୍ରାଥମିକ କୃଷି ସମବାୟ ସମିତି ଲିଃର ସଭାପତି ଧରଣୀଧର ଦାସ ସଭାପତିତ୍ୱ କରିଥିବା ବେଳେ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ମହାନ୍ତି ସଭା ପରିଚାଳନା କରିଥିଲେ । ସମବାୟ ସମିତିର ପରିଚାଳନା ପରିଷଦର ସଭାନେତ୍ରୀ ମମତା ପ୍ରଧାନ, କୈଳାସ ଚନ୍ଦ୍ର ଦାସ, ବସନ୍ତ ଜେନା, ଅମୟ ମଳିକ, ଅକ୍ଷୟ ବାରିକ, ନମିତା ଦାସ, କୃଷ୍ଣଚନ୍ଦ୍ର ଦାସ, ଗୀତାଞ୍ଜଳି ବେହେରା, ଅଭିନାଶ ବାରିକ, ସଂଗମ ସାମଲ, ଭୀମସେନ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ନିର୍ଦ୍ଦେଶ ଅଭିମନ୍ୟୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## କୋର୍ଟଙ୍କୁ ବୋମା ଧମକ ପରେ ଧରପଗଡ଼ ଆରମ୍ଭ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ହାଇକୋର୍ଟ ସମେତ ତିନି ଜିଲ୍ଲା କୋର୍ଟକୁ ବୋମା ଧମକ ଆସିବା ପରେ ଧରପଗଡ । ଇମେଲ୍‌ରେ ଏପରି ସୂଚନା ମିଳିବା ପରେ ସରକାର ବି ସଜାଗ । ତେବେ ରାଜ୍ୟ ପାଇଁ ପ୍ରଥମ ଘଟଣା ହୋଇଥିଲେ ବି ଗଲା ବର୍ଷେ ହେବ ଦେଶ ତମାମ୍ ଏଭଳି ମେଲ୍ ବିଭିନ୍ନ କୋର୍ଟକୁ ଆସୁଛି । ଦିଲ୍ଲୀ, ମୁମ୍ବାଇ, ରାଜସ୍ଥାନ, ଗୁଜରାଟ ଓ ଛତିଶଗଡ଼ ହାଇକୋର୍ଟ ସହିତ ଏସବୁ ରାଜ୍ୟର ବହୁ ଜିଲ୍ଲା କୋର୍ଟକୁ ସମାନ ଧରଣର ମେଲ୍ ଆସିଛି । ମାତ୍ର ସବୁ ଥର ଏଭଳି ମେଲ୍ ମିଛ ବୋଲି ପ୍ରମାଣିତ ହୋଇଛି । ତେବେ ଏହି ଘଟଣା ପଛରେ ଥିବା ଦୁର୍ବୃତ୍ତଙ୍କ ପାଖରେ ପହଞ୍ଚିବାକୁ ବିଭିନ୍ନ ରାଜ୍ୟର ସାଇବର୍ ସେଲ୍ ତନାଘନା କରିଥିଲେ ବି ଅପରାଧୀ ଧରାପଡୁନାହାନ୍ତି । ଦୁର୍ବୃତ୍ତ ଭିପିଏନ୍ (ଭର୍ଚୁଆଲ୍ ପ୍ରାଇଭେଟ୍ ନେଟ୍‌ୱାର୍କ) ବ୍ୟବହାର କରୁଥିବାରୁ ଠିକଣା ଜାଣିବା କଷ୍ଟକର ହେଉଛି । ଥରେ ମାତ୍ର ରାଜସ୍ଥାନ ଓ ତାମିଲନାଡୁର ଦୁଇଟି ସାଇବର୍ କାଫେର 'ଆଇପି ଆଡ୍ରେସ୍' ଖୋଜାଯାଇ ପାରିଥିଲା । ୨୦୨୫ ମସିହା ଜୁନ୍ ୯ରେ କର୍ଣ୍ଣାଟକ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ୍‌ଙ୍କୁ ବୋମା ଫୁଟିବା ଭୟ ଦେଖାଇ ଏକ ମେଲ୍ ଆସିଲା । ସମାନ ମେଲ୍ ରାଜ୍ୟର ବହୁ ନିମ୍ନ କୋର୍ଟକୁ ଆସିଲା । ମାତ୍ର ସେଭଳି କିଛି ବୋମା ମିଳିଲାନି । ଏହା ପରେ ଜୁନ୍ ୨୪ ଓ ଅଗଷ୍ଟ ୨୨ରେ ମଧ୍ୟ କର୍ଣ୍ଣାଟକ ହାଇକୋର୍ଟକୁ ସମାନ ଇ-ମେଲ୍ ଆସିଥିଲା । ତଦନ୍ତ ପରେ ଅଭିଯୁକ୍ତ କିଏ ଜଣାପଡ଼ିଲାନି । ଦୁର୍ବୃତ୍ତ 'ଭିପିଏନ୍' ବ୍ୟବହାର କରୁଥିବାରୁ ଠିକଣା ଜଣାପଡ଼ିଲାନି । ଏହି ଘଟଣା ପରଠୁ ଦେଶରେ ଏଭଳି ଇମେଲ୍ ଲଗାତାର ଆସୁଛି । ସେପ୍ଟେମ୍ବର ୧୨ରେ ଗୋଟିଏ ଦିନରେ ଦିଲ୍ଲୀ ଓ ମୁମ୍ବାଇ ହାଇକୋର୍ଟକୁ ଇ-ମେଲ୍ ଆସିଲା । ଡିସେମ୍ବର ୮ରେ ରାଜସ୍ଥାନ ହାଇକୋର୍ଟକୁ ସମାନ ଇମେଲ୍ ଆସିଥିଲା । ଚଳିତ ମାସ ପ୍ରଥମ ସପ୍ତାହରେ ଗୁଜରାଟ୍, ଛତିଶଗଡ଼ ସହିତ ପୁଣି କର୍ଣ୍ଣାଟକ ହାଇକୋର୍ଟ ସହିତ ମହୀଶୂର ଓ ଗଦଗ ଭଳି ଜିଲ୍ଲା କୋର୍ଟକୁ ଏଭଳି ଧମକଭରା ଇମେଲ୍ ଆସିଛି । ଆଉ ଗୁରୁବାର ଅର୍ଥାତ୍ ଜାନୁଆରୀ ୮ ତାରିଖରେ ଓଡ଼ିଶାର ୩ କୋର୍ଟ ସହିତ କେରଳର କସାରଗଡ଼ ଜିଲ୍ଲା କୋର୍ଟକୁ ଦିନ ପ୍ରାୟ ୧୧ଟା ବେଳେ ଏଭଳି ଇମେଲ୍ ଆସିଥିଲା । ଏହାପରେ କୋର୍ଟରୁମ୍ ତଲାସି ନେବାରୁ କିଛି ମିଳିନଥିଲା । ସମାନ ଭାବେ ପଞ୍ଜାବ ଓ ଆସାମର କୋର୍ଟକୁ ଇ-ମେଲରେ ଧମକ ଆସିଛି । ତେବେ ଆଜି ପର୍ଯ୍ୟନ୍ତ ଯେତେ ଗୁଡ଼ିଏ ଧମକଭରା ଇ-ମେଲ୍ ଆସିଛି କୌଣସି ଘଟଣାରେ ବୋମା ମିଳିନି କିମ୍ବା କେହି ଆତ୍ମଘାତୀ ଠାବ ହୋଇନାହାନ୍ତି । ତେଣୁ ଏହି ମେଲ୍ କେହି ଦୁର୍ବୃତ୍ତ ଭୟଭୀତ କରିବା ପାଇଁ କରୁଥିବା ଯାଞ୍ଚ ଏଜେନ୍ସି କହୁଛନ୍ତି । ବିଭିନ୍ନ ଲୋକ ବା ଗ୍ରୁପ୍ ଏଭଳି କରୁଛନ୍ତି । ତେବେ ଦୁଇଟି ଘଟଣାରେ ମେଲ୍ ପଠାଇଥିବା ବ୍ୟକ୍ତିର ଆଇପି ଆଡ୍ରେସ୍ ବା ଲୋକେସନ୍ ଠାବ ହୋଇଛି ।

## ବ୍ରହ୍ମପୁର ଅବକାରୀ ଜିଲ୍ଲାରେ ୯ ମାସରେ ୧୩୭୭ ମାମଲା:୫୮୦ ମାଫିଆ ଗିରଫ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହର ନିଶା କାରବାରର ଟ୍ରାନ୍‌ଜିଟ୍ ପଏଣ୍ଟ ପାଲଟିଛି । ରୀତିମତ ଗଜପତି ଓ କନ୍ଧମାଳ ଜିଲ୍ଲାରୁ ବ୍ରହ୍ମପୁରକୁ ଗଞ୍ଜେଇ ଆସୁଛି । ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନ ସହିତ ରାଜ୍ୟ ବାହାରକୁ ପଠାଯାଉଛି । ଏହା ଉପରେ ରୋକ୍ ଲଗାଇବା ପାଇଁ ଉଦ୍ୟମ ଜାରି ରଖିଛି ବ୍ରହ୍ମପୁର ଅବକାରୀ ବିଭାଗ । ଗତ ଏପ୍ରିଲ୍‌ରୁ ଡ଼ିସେମ୍ବର ୯ ମାସ ମଧ୍ୟରେ ବ୍ରହ୍ମପୁର ଅବକାରୀ ବିଭାଗ ତରଫରୁ ମୋଟ୍ ୧୩୭୭ଟି ମାମଲା ରୁଜୁ କରାଯାଇଛି । ଏହି ମାମଲାରେ ମୋଟ୍ ୫୮୦ ଜଣ ମାଫିଆଙ୍କୁ କାବୁ କରାଯାଇଛି । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ମାମଲା ସଂଖ୍ୟା ବଢ଼ିଥିବା ବେଳେ ନିଶା ସାମଗ୍ରୀ ଜବତ ପରିମାଣ ମଧ୍ୟ ବଢ଼ିଛି । ବେଆଇନ୍ ନିଶା କାରବାର ଉପରେ ନଜର ରଖିଛି ବ୍ରହ୍ମପୁର ଅବକାରୀ ବିଭାଗ । ଚଳିତ ବର୍ଷ ଏପ୍ରିଲ୍ ମାସରୁ ଡ଼ିସେମ୍ବର ମାସ ମଧ୍ୟରେ ବହୁ ବେଆଇନ୍ ନିଶା ସାମଗ୍ରୀ ଜବତ ହୋଇଛି । ଡ଼ିସେମ୍ବର ସୁଦ୍ଧା ମୋଟ୍ ୫୨ ହଜାର ୫୭୭ ଲିଟର ଅପମିଶ୍ରିତ ଦେଶୀ ମଦ ଜବତ ହୋଇଥିବା ବେଳେ ୭ ଲକ୍ଷ ୩୮ ହଜାର ୮୨୦ ଲିଟର ପୋଚ ଜବତ କରାଯାଇଥିବା ବ୍ରହ୍ମପୁର ଅବକାରୀ ଅଧିକ୍ଷକ ପ୍ରବୀଣ ପ୍ରଧାନ ସୂଚନା ଦେଇଛନ୍ତି । ସେହିପରି ୨ ହଜାର ୬୧୨ ଲିଟର ରନ୍ଧାମଦ ଓ ପ୍ରାୟ ୭୯୦ ଲିଟର ବିଦେଶୀ ମଦ ଜବତ ହୋଇଛି । ସେହିପରି ୧ ହଜାର ୨୬୩ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ୧୪୨ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ ହୋଇଛି । ଏହି ନିଶା ଦ୍ରବ୍ୟ ଚାଲାଣ ବେଳେ ୭୭ଟି ଦୁଇ ଚକିଆ ଓ ୫ଟି ଚାରି ଚକିଆ ଗାଡ଼ି ଜବତ ହୋଇଛି । ୨୦୨୪ ଏପ୍ରିଲ୍‌ରୁ ଡିସେମ୍ବର ତୁଳନାରେ ଚଳିତ ଡିସେମ୍ବର ସୁଦ୍ଧା ମାମଲା ସଂଖ୍ୟା ବଢ଼ିଥିବା ବେଳେ ନିଶା ସାମଗ୍ରୀ ଜବତ ପରିମାଣ ମଧ୍ୟ ବଢ଼ିଛି । ଅନ୍ୟପଟେ ବେଆଇନ୍ ନିଶା କାରବାରକୁ ମୂଳୋତ୍ପାଟନ କରିବା ପାଇଁ ଅବକାରୀ ବିଭାଗ ସଜାଗ ରହିଛି ବୋଲି ଅଧିକ୍ଷକ ଶ୍ରୀ ପ୍ରଧାନ କହିଛନ୍ତି । ପ୍ରକାଶଥାଉକି ଗତ ୨୦୨୪ ଏପ୍ରିଲ୍‌ରୁ ଡିସେମ୍ବର ସୁଦ୍ଧା ୧୨୯୬ ମାମଲା ରୁଜୁ ହୋଇଥିବା ବେଳେ ୪୯୭ ଜଣ ଗିରଫ ହୋଇଥିଲେ । ସେହିପରି ପ୍ରାୟ ୪୨ ହଜାର ଲିଟର ଅପମିଶ୍ରିତ ମଦ, ୬ ଲକ୍ଷ ୪୧ ହଜାର ଲିଟର ପୋଚ ଓ ୨୧୮୨ ଲିଟର ରନ୍ଧା ମଦ ଜବତ ହୋଇଥିଲା । ଏହାସହିତ ୯୭୫ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ୬୧ଟି ଦୁଇ ଚକିଆ ଓ ଗୋଟିଏ ଚାରି ଚକିଆ ଗାଡ଼ି ମଧ୍ୟ ଜବତ ହୋଇଥିଲା ।

## ରାତି ଅଧିଆ ବାଲି ଉଠାଣକୁ ଧରିଲା ପୁରୀ ପୋଲିସ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବୈଧ ବାଲି ଉଠାଣ ବିରୋଧରେ ପୁରୀ ପୋଲିସ୍ ଦ୍ୱାରା ଅଭିଯାନ ଜାରି ରହିଛି । ଏହି ଅଭିଯାନ ସମୟରେ ଅବୈଧ ଭାବରେ ବାଲି ଉଠାଯାଉଥିବା ସୂଚନା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅବୈଧ ବାଲି ଉଠାଣରେ ଲିପ୍ତ ଥିବା ୫ଟି ଟ୍ରାକ୍ଟର, ୧ଟି ଜେସିବି ଏବଂ ବାଲି ଭରା ଅବସ୍ଥାରେ ୨ଟି ହାଇୱା ଟ୍ରକ୍ ଚନ୍ଦନପୁର ଥାନା ଦ୍ୱାରା ଜବତ କରାଯାଇଛି । ଏହା ସହିତ ଏହି ଘଟଣା ସଂପୃକ୍ତ ୪ ଜଣ ଚନ୍ଦନପୁର ଥାନାରେ ଅଟକ ରଖାଯାଇଛି । ଏହି ସମ୍ପର୍କରେ ଆଇନ୍ ଅନୁଯାୟୀ ମାମଲା ରୁଜୁ କରାଯାଇ ଆଗାମୀ ତଦନ୍ତ ପ୍ରକ୍ରିୟା ଚାଲିଛି । ପରିବେଶ ସୁରକ୍ଷା ଓ ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ ଅବୈଧ ବାଲି ଉଠାଣ ବିରୋଧରେ ପୁରୀ ପୋଲିସ ଆଗାମୀ ଦିନରେ ମଧ୍ୟ ଏପରି କଡା ଅଭିଯାନ ଜାରି ରଖିଛି । ସାଧାରଣ ଜନତାଙ୍କୁ ଅନୁରୋଧ, ଅବୈଧ ବାଲି ଉଠାଣ ସମ୍ପର୍କରେ କୌଣସି ସୂଚନା ମିଳିଲେ ତୁରନ୍ତ ସ୍ଥାନୀୟ ପୋଲିସ କିମ୍ବା ୧୧୨ ନମ୍ବରରେ ସୂଚନା ଦେବାକୁ ସହଯୋଗ କରନ୍ତୁ ।



**ଇଳା ପଣ୍ଡା**
୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫

**ଅଭୁଲା ସ୍ମୃତି ସହ**
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା,
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଲିଡିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟ ସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

ଫୋନ: +91 674 2611000 | ଇମେଲ: memoriam@imfa.in

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଥାନା କୃଷ୍ଣପାଲି ଛକ ନିକଟରେ ଗୋଟିଏ ଧାନ ବୋଝେଇ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ନାଗପାଲି ଗ୍ରାମର ଯଶୋବନ୍ତ ଅମାତ ରେଢାଖୋଲରେ ପଢୁଥିବା ନିଜ ଝିଅକୁ ବାଇକ୍‌ରେ ବସାଇ ରେଢାଖୋଲ ଛାଡି ନେଉଥିଲେ । ଉକ୍ତ ସମୟରେ ଜହ୍ନାପଙ୍କ- ଖଲିଆପାଲି ରାସ୍ତାର କୃଷ୍ଣପାଲି ଛକ ନିକଟରେ ଧାନ ବୋଝେଇ କରି ସାମ୍ନାରୁ ଆସୁଥିବା ଧାନ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା । ଫଳରେ ବାଇକ୍ ଚାଳକ ଯଶୋବନ୍ତ ଗୁରୁତର ଆହତ ହୋଇଥିଲେ । ପଛରେ ବସିଥିବା ତାଙ୍କ ଝିଅ ସାମାନ୍ୟ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଉଦ୍ଧାର କରି ଉଭୟଙ୍କୁ ବୌଦ୍ଧ ଡାକ୍ତର ଖାନାରେ ଭର୍ତ୍ତି କରିଥିଲେ । ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଜଳେଶ୍ୱର ବ୍ଲକର ବିକାଶ କାର୍ଯ୍ୟ ପାଇଁ ସରକାରଙ୍କ ୯ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକର ୩୫ଟି ପଞ୍ଚାୟତରେ ବିକଶିତ ଗାଁ, ବିକଶିତ ଓଡ଼ିଶାର ପ୍ରକଳ୍ପ ପ୍ରଦାନ ସମ୍ବନ୍ଧରେ ଜରୁରୀ କାଳୀନ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ, ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ଏବିଡ଼ିଓ ସୁଧୀର କୁମାର ସାହୁ, ବ୍ଲକ ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ, ଜିଜିପିଓ ସବ୍ୟସାଚୀ ଦାସ, ସିପି ସୁଜିତ କୁମାର ଜେନା ଉପସ୍ଥିତ ହୋଇ ୨୦୨୪/୨୫ ଅର୍ଥିକ ବର୍ଷରେ ମୋଟ୍ ୫ କୋଟି ଟଙ୍କାର ମୋଟ୍ ୧୧୪ଟି ପ୍ରକଳ୍ପର କାର୍ଯ୍ୟକାରି ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା । ତେବେ ୧୧୪ ପ୍ରକଳ୍ପରୁ ୫୫ଟି କାର୍ଯ୍ୟ ଶେଷ ହୋଇଥିବା ବେଳେ ୫୮ଟି ପ୍ରକଳ୍ପ କାର୍ଯ୍ୟ ଚାଲୁଛି ବାକି ଗୋଟିଏ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ । ୨୦୨୫/୨୬ ଆର୍ଥିକ ବର୍ଷରେ ମୋଟ୍ ୯ କୋଟି ୯୦ ଲକ୍ଷ ଟଙ୍କା ରାଜ୍ୟ ସରକାର ଜଳେଶ୍ୱର ବ୍ଲକ ପାଇଁ ପ୍ରଦାନ କରିଛନ୍ତି । ଏହି ୯ କୋଟି ୯୦ ଲକ୍ଷ ଟଙ୍କାର ପ୍ରକଳ୍ପ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ହେବା କଥା ବୋଲି ସରପଞ୍ଚ ସଦସ୍ୟମାନେ ଜିଦ୍ ଧରି ବସିଥିଲେ । ତେବେ ବ୍ଲକ ଅଧ୍ୟକ୍ଷ ଗତ ବର୍ଷର ୬୦:୪୦ ଅନୁଯାଇ ଚଳିତ ବର୍ଷର ପ୍ରକଳ୍ପ ଦେବା ପାଇଁ ପ୍ରସ୍ତାବ ରଖୁଥିଲେ । କିନ୍ତୁ ଅଧିକରୁ ଅଧିକ ସରପଞ୍ଚ ସଦସ୍ୟମାନେ ଅଧ୍ୟକ୍ଷଙ୍କ ପ୍ରସ୍ତାବକୁ ଖଣ୍ଡନ କରି କିଛି ସରପଞ୍ଚ ସଦସ୍ୟ ଗୃହ ତ୍ୟାଗ କରିଥିଲେ । ତେବେ ଶେଷରେ ବିଡ଼ିଓ ଗୋରଙ୍ଗ ଚରଣ ଘୋଷ ନୂଆ ଚିଠି ଆସିଲା ପରେ ପଞ୍ଚାୟତ ସମିତି ବୈଠକ ଡାକି ଚୂଡାନ୍ତ ସିଦ୍ଧାନ୍ତ ନିଆଯିବ ବୋଲି ପ୍ରସ୍ତାବ ରଖିଥିଲେ । ପଞ୍ଚାୟତକୁ ମିଳିଥିବା ମୋଟ୍ ପାଣ୍ଠିର ୩୫ ପ୍ରତିଶତ କେବଳ ରାସ୍ତା ନିର୍ମାଣ ପାଇଁ ଖର୍ଚ୍ଚ ହେବ । ଏହାଠାରୁ ଅଧିକ ଟଙ୍କା ରାସ୍ତା ନିର୍ମାଣ ପାଇଁ ଖର୍କ କରିହେବନାହିଁ । ପଞ୍ଚାୟତରେ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଗାଧୁଆ ତୁଠ, ପୋଖରୀ ଓ ନଦୀ କୂଳରେ ଚେଞ୍ଜିଂ ରୁମ୍, ମାର୍କେଟ୍ ସେଜ ତିଆରି ପାଇଁ ସରକାରଙ୍କ ପକ୍ଷରୁ ଟଙ୍କା ମିଳିବ । ଭୋଗ ମଣ୍ଡପ, ଭାଗବତ ଟୁଙ୍ଗୀ ତିଆରି ହେବ । ସବୁ ଧର୍ମର ଉପାସନାସ୍ଥଳୀ ବା ଧାର୍ମିକ ପୀଠର ବିକାଶ ପାଇଁ ପାଣ୍ଠି ଖର୍ଚ୍ଚ ହେବ । ଧାର୍ମିକସ୍ଥଳ ପାଖରେ ଶୌଚାଳୟ ଓ ପିଇବା ପାଣି ସୁବିଧା କରାଯିବ । ପଞ୍ଚାୟତରେ ଥିବା ଛୋଟ ଛୋଟ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବ୍ୟବସ୍ଥା ହେବ । ଶିକ୍ଷା ଭିତ୍ତିଭୂମି ପାଇଁ ମଧ୍ୟ ଏହି ଯୋଜନାରୁ ପାଣ୍ଠି ହେବ । ଧାର୍ମିକସ୍ଥଳ ପାଖରେ ଶୌଚାଳୟ ଓ ପିଇବା ପାଣିର ବ୍ୟବସ୍ଥା କରାଯିବା । ପଞ୍ଚାୟତରେ ଛୋଟ ଛୋଟ ପର୍ଯ୍ୟଟନସ୍ଥଳୀ ବିକାଶ କରାଯିବା ଦରକାର । ଶିକ୍ଷାର ଭିତ୍ତିଭୂମି ଉକ୍ତ ଯୋଜନାରେ ଅର୍ଥ ମିଳିବ । ବିଦ୍ୟାଳୟରେ ଆଧୁନିକୀକରଣ ଗ୍ରାମରେ କ୍ରୀଡାର ଭିତ୍ତି ଭୂମି ବିକାଶ କରାଯିବ ବୋଲି ଆଲୋଚନା ହୋଇଥିଲା ।



## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ / ୭ବୃ | ୫ | ଶ୪ / ରା୩ |
| ୮ | ୧୪ / ୭ | ୨ |
| ୯କେ / ୧୦ଚ | ୧୧ | ର ବୁ ମ ଶୁ / ୧୨ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୧।୧।୨୦୨୬, ପୌଷ ଦି୨୭ନ,ରବିବାର**

**ସୂର୍ଯ୍ୟୋଦୟ- ଘ ୬।୨୫।୧୫ ଚନ୍ଦ୍ରୋଦୟ- ରାଘ ୧୨।୪୯।୨୪**

ଅଷ୍ଟମୀ ଦିଘ ୧୦।୨୨ ପର୍ଯ୍ୟନ୍ତ । **ଚିତ୍ରା ନକ୍ଷତ୍ର-** ସଂଘ ୬।୨୪ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର । **ଘାତ ଚନ୍ଦ୍ର-** ନାହିଁ । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଓ ଆମିଷ ଦିଘ ୧୦।୨୨ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୧୩ ଗତେ ଦିଘ ୯।୨୨ ମଧ୍ୟେ । ଦିଘ ୧।୧୮ ଗତେ ଦିଘ ୩।୧୨ ମଧ୍ୟେ । **ପର୍ବୋତ୍ସବ-** ଲାଲ ବାହାଦୂର ଶାସ୍ତ୍ରୀଙ୍କ ତିରୋଧାନ ଦିବସ ।


**ମେଷ:** ଦୂରଯାତ୍ରାରେ ଆନନ୍ଦ ଲାଭ । ବନ୍ଧୁ ମିଳନରେ ଆପ୍ୟାୟିତ ହେବେ । କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବଢ଼ିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସହଯୋଗ ଲାଭ କରିବେ । ଶାରୀରିକ ସୁସ୍ଥତା ଅନୁଭବ କରିବେ ।


**ବୃଷ:** କର୍ମକ୍ଷେତ୍ରରେ ସହଯୋଗ ପାଇ ବେଶ୍ ଆଗେଇ ଚାଲିବେ । ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସା ଲାଭ କରିବେ । ଆୟ ଓ ବ୍ୟୟ ସାଧାରଣତଃ ସମାନ ରହିବ । ଘରେ ଶାନ୍ତି ଲାଭ ହେବାର ସୂଚନା ।


**ମିଥୁନ:** ଆତଙ୍କିତ ଅବସ୍ଥାରେ ଆଜି ଦିନଟି ବିତିବ । କର୍ମକ୍ଷେତ୍ରରେ ଜୟଯୁକ୍ତ ହୋଇ କାର୍ଯ୍ୟକ୍ରମ ହାତକୁ ନେବେ । ଆୟର ପରିମାଣ ସାମାନ୍ୟ ବଢ଼ିବ । ଘରେ ଅଶାନ୍ତି ସୃଷ୍ଟି ହେବ । ଠକାମିର ଶିକାର ହେବେ ।


**କର୍କଟ:** ହିତ ବିପରୀତ ପରି କାର୍ଯ୍ୟ କରିଚାଲିବେ । ଆପଣ ଭଲ କଥାଟେ କହିଲେ ମଧ୍ୟ କେହି ଗ୍ରହଣ କରିବେନାହିଁ । ଅଯଥା ବାଦବିବାଦ ସୃଷ୍ଟି ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ କଳହ ଦେଖାଦେଇପାରେ ।


**ସିଂହ:** କର୍ମକ୍ଷେତ୍ରରେ ସହକାରୀ ତଥା ସହକର୍ମୀଙ୍କ ସହଯୋଗ ଲାଭ କରି ଆନନ୍ଦିତ ହେବେ । ଉଚ୍ଚ ଆଶା କ୍ରମେ ଫଳବତୀ ହେବ । ଆୟରେ ସାମାନ୍ୟ ଅଗ୍ରଗତି । ପାରିବାରିକ କଳହ ସୃଷ୍ଟି ହେବ । ମନ ଅସ୍ଥିର ରହିବ ।


**କନ୍ୟା:** ମନରେ ଶାନ୍ତି ଆସିବ । ଯେକୌଣସି କାମ କରିବା ପାଇଁ ମନରେ ଉତ୍ସାହ ଜନ୍ମ ନେବ । ଆଶାବାଦୀ ହୋଇ କାର୍ଯ୍ୟକ୍ରମ ମାନ ହାତକୁ ନେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ପ୍ରାପ୍ତ ହେବ ।


**ତୁଳା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ପୁରାତନ କାର୍ଯ୍ୟମାନ ପରି ସମାପ୍ତି ହେବ । ନୂତନ କର୍ମ ପ୍ରାପ୍ତିର ସୂଚନା । ରୋଜଗାରରେ ଅଗ୍ରଗତି ହେବ । ପାରିବାରିକ ସହଯୋଗ ଲାଭ ହେବ । ବନ୍ଧୁ ଦର୍ଶନ ।


**ବିଛା:** ଯେତେ ଚେଷ୍ଟା କଲେ ମଧ୍ୟ ଅପବ୍ୟୟରୁ ବର୍ତ୍ତିପାରିବେନାହିଁ । ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପରିଶ୍ରମ ବୃଦ୍ଧିର ସୂଚନା । ରୋଜଗାରରେ ସ୍ଥିରତା । ପାରିବାରିକ ଶାନ୍ତି ପ୍ରାପ୍ତି ହେବ ।


**ଧନୁ:** କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ସହଯୋଗ ଲାଭ କରିବା ସହିତ ଅଗ୍ରଗତି କରିଚାଲିବେ । ଆୟର ପରିମାଣ କ୍ରମଶଃ ବଢ଼ି ଚାଲିବ । ବନ୍ଧୁ ସହଯୋଗ ମିଳିବ । ପରିବାରରେ ଶ୍ରମ ବୃଦ୍ଧି ପାଇବ । ମନ ଭଲ ରହିବ ।


**ମକର:** କର୍ମ ସଂସ୍ଥାନରେ ଉପରିସ୍ଥ କର୍ମକର୍ତ୍ତାଙ୍କ ଦ୍ୱାରା କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଶଂସା ଲାଭ ହେବ । ନିଜର କର୍ତ୍ତବ୍ୟ ନିଷ୍ଠା ପ୍ରତିପାଦିତ କରିପାରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଜଞ୍ଜାଳ ବୃଦ୍ଧି ହେବାର ସୂଚନା ।


**କୁମ୍ଭ:** କର୍ମକ୍ଳାନ୍ତି ଅନୁଭବ କରିବେ । ଅସହଯୋଗର ମାତ୍ରା ବଢ଼ିବ । ମତାନ୍ତର ସୃଷ୍ଟି । ଏଣୁ ବିଶ୍ରାମ ଶ୍ରେୟ ଜ୍ଞାନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ପ୍ରାପ୍ତ ହେବାର ସୂଚନା । ଦେହ ଭଲ ରହିବ ।


**ମୀନ:** କର୍ମବ୍ୟସ୍ତତା ମଧ୍ୟରେ ସାରା ଦିନ ରହିବେ । ଦୂରଯାତ୍ରା କରିପାରନ୍ତି । ସମୟାନୁବର୍ତ୍ତିତା ହେତୁ ଉପବାସରେ ଦିନ କାଟିବେ । ଆୟରେ ବାଧାର ସମ୍ଭାବନା । ପରିବାରରେ ସୁଖ ପ୍ରାପ୍ତି ହେବ । ମହିଳାମାନେ ସୁଖୀ ହେବେ ।



## ରାସ୍ତା କାମ ନିମ୍ନମାନର ଅଭିଯୋଗ କରିବାରୁ ହତ୍ୟା ଧମକ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଶଗଡା ଗ୍ରାମ ପଞ୍ଚାୟତ ବାଲିଗୋରା କାକଟପଙ୍ଗା ରାସ୍ତା କାମ ନିମ୍ନମାନର ହୋଇଥିବା ପ୍ରତିବାଦ କରିବା ପରେ ହତ୍ୟା ଧମକ ଦିଆଯାଇଥିବା ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ସ୍ଥାନୀୟ ଲୋକେ । ମିଳିଥିବା ସୂଚନା ଅନୁଯାୟୀ ବାଲିଗୋରା କାକଟପଙ୍ଗା ରାସ୍ତା କିଛି ଦିନ ତଳେ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ପିଚୁ କାମ ହୋଇଥିଲା । ପିଚୁ ରାସ୍ତାରୁ ଉଠିଯିବା ପରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ବିକେସନ ଭଇନା ସୋସିଆଲ୍ ମିଡିଆରେ ଫଟୋ ଭିଡିଓ ଛାଡିଥିଲେ । ତାକୁ ନେଇ ସମ୍ପୃକ୍ତ ଯୁବକଙ୍କୁ ହତ୍ୟା ଧମକ ଦେବା ସହ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି । ତାସହିତ ବିକେସନଙ୍କ ନାମରେ ଥାନାରେ ମିଥ୍ୟା ଅଭିଯୋଗ ମଧ୍ୟ କରିଛନ୍ତି । ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳଙ୍କୁ ଭେଟି ରାସ୍ତା କାମର ତଦନ୍ତ ଓ ପୀଡିତ ଯୁବକଙ୍କୁ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି । ଦାବିପତ୍ର ଦେବା ସମୟରେ ରଘୁନାଥ ପଲିଆ, କାଳିଆ କହଁର, ବିକେଶନ ଭଇନା, କୁନା ଝାଙ୍କର, ସନ୍ତୋଷ ବେହେରା, ବିଭୁତି ମଲ୍ଲିକ, ପ୍ରକାଶ ଭଇନା ପ୍ରମୁଖ ଉପସ୍ଥିତ ଥିଲେ ।

ସମ୍ପାଦକୀୟ

31 YEARS

ସମ୍ବାଦ କଳିକା

# ଆଧାର ଅପଡେଟ୍ ନାଁରେ ହେଉଛି ବଡ଼ ଧରଣର ବ୍ୟାଙ୍କ ଠକେଇ

ଠକେଇ ଏକ ସାଧାରଣ କଥା ହୋଇଗଲାଣି । ଅନଲାଇନରେ ଠକିବାପାଇଁ ଠକ ସବୁବେଳେ ଜାଲ ବିଛେଇ ବସିଛନ୍ତି । ଟିକିଏ ଅସର୍ତକ ହେଲେ ଉଡିଯାଉଛି ଲକ୍ଷ ଲକ୍ଷ ଟଙ୍କା । ଏ ନେଇ ନିଜ ଗ୍ରାହକଙ୍କୁ ଚେତାଇଛି ଏସ୍‌ବିଆଇ । ଆଧାର ଅପଡେଟ୍ କରିବା ନାଁ ହେଉଛି ଫ୍ରଡ୍ । କ୍ଷଣିକରେ ହୋଇଯାଉଛି ଆକାଉଣ୍ଟ ଖାଲି । ଏସବିଆଇ ଗ୍ରାହକ ନିଜ ଆଧାର ଅପଡେଟ୍ ନକରନ୍ତି, ତେବେ ତାଙ୍କର ଏସବିଆଇ ୟୋନୋ ଆପ୍ ବ୍ଲକ୍ କରି ଦିଆଯିବ । ଏଭଳି ମେସେଜ୍ ଭାଇରାଲ ହେଉଛି । ସୋସିଆଲ ମିଡିଆ ଓ ହ୍ୱାଟସଆପ୍‌ରେ ଏହି ମେସେଜ୍ ଦ୍ରୁତ ଗତିରେ ଭାଇରାଲ ହେଉଛି । ଏଥିରେ ଦାବି କରାଯାଇଛି ଯେ, ଯଦି ଏସବିଆଇ ଗ୍ରାହକ ନିଜ ଆଧାର ଅପଡେଟ୍ ନକରନ୍ତି, ତେବେ ତାଙ୍କର ଏସବିଆଇ ୟୋନୋ ଆପ୍ ବ୍ଲକ୍ କରି ଦିଆଯିବ । ଏହି ମେସେଜ୍‌ରେ ଲୋକଙ୍କୁ ଏକ ଏପିକେ ଫାଇଲ ଡାଉନୋଲଡ୍ କରିବାକୁ କୁହାଯାଉଛି । ଯାହାକୁ ଆଧାର ଅପଡେଟ୍ ପ୍ରଣାଳୀ ମଧ୍ୟ କୁହାଯାଉଛି । ବହୁବାର ଲୋକ ଭୟରେ କିଛି ଭାବି ନବିଚାରି ଏଭଳି ଲିଙ୍କ ଉପରେ କ୍ଲିକ୍ କରିଦେଇଥାନ୍ତି, ଯାହାକି ଆଗକୁ ଭାରି କ୍ଷତିକାରକ ହୋଇପାରେ ।

ପିଆଇବି ଫାକ୍ଟ ଚେକ୍‌ରୁ ଏହା ସ୍ପଷ୍ଟ ଜଣାପଡିଛି ଯେ,ଏଭଳି ଦାବି ସମ୍ପୂର୍ଣ୍ଣ ଭାବରେ ନକଲି । ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କେବେ ବି ନିଜର ଗ୍ରାହକଙ୍କୁ ଏପିକେ ଫାଇଲ୍ ଡାଉନଲୋଡ୍ କରିବା କିମ୍ବା ହ୍ୱାଟସଆପ୍/ସୋସିଆଲ ମିଡିଆ ଜରିଆରେ ଆଧାର କିମ୍ବା ବ୍ୟାଙ୍କିଙ୍ଗ ଡିଟେଲ୍ସ ମାଗିବାକୁ କୁହନ୍ତି ନାହିଁ । ଏଭଳି ନକଲି ମେସେଜର ଉଦ୍ଦେଶ୍ୟ ନା କେବଳ ୟୁଜର୍ସଙ୍କ ବ୍ୟକ୍ତିଗତ ସୂଚନା ଲିକ୍ କରିବା କିମ୍ବା ବ୍ୟାଙ୍କ ଆକାଉଣ୍ଟ ଖାଲି କରିବା ଭଳି ହୋଇଥାଏ । ଯଦି ଆପଣ ଏସବିଆଇ ୟୋନୋ ଆପ୍ ବ୍ୟବହାର କରନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ ଖୁବ୍ ଜରୁରୀ ।  ଭାଇରାଲ ମେସେଜ୍‌ରେ କୁହାଯାଇଛି, ଯଦି ଆପଣଙ୍କ ଆଧାର ଅପଡେଟ୍ ନାହିଁ, ତେବେ ଏସବିଆଇ ୟୋନୋ ଆପ୍‌କୁ ବ୍ଲକ୍ କରି ଦିଆଯିବ । ଆଧାର ଅପଡେଟ୍ କରିବା ପାଇଁ ଏପିକେ ଫାଇଲ ଡାଉନଲୋଡ୍ କରନ୍ତୁ । ଏହି ସବୁ କଥା ସମ୍ପୂର୍ଣ୍ଣ ଭାବରେ ଭୁଲ ଓ ଭ୍ରମାତ୍ମକ ।  ପିଆଇବି ଫାକ୍ଟ ଚେକ୍ 'ଏକ୍ସ'ରେ ଓ ଅନ୍ୟ ପ୍ଲାଟଫର୍ମରେ ସ୍ପଷ୍ଟ କରିଛି ଏହି ମେସେଜ୍ ନକଲି । ଏସବିଆଇ କୌଣସି ଗ୍ରାହକଙ୍କୁ ଏପିକେ ଡାଉନଲୋଡ୍ କରିବାକୁ କୁହେନି, କେବଳ କୁହେ ବ୍ୟାଙ୍କ କେବେ ବି ଆଧାର, ଓଟିପି, ପିନ୍ କିମ୍ବା ବ୍ୟାଙ୍କ ଡିଟେଲ୍ସ ଫୋନ୍/ମେସେଜ୍ ମାଗିନଥାଏ । ଏପିକେ ଫାଇଲ ପ୍ରକୃତରେ ଏଭଳି ଆପ୍, ଯାହାକି ଆପଣଙ୍କ ଫୋନ୍ ପୁରା କଣ୍ଟ୍ରୋଲ ନେଇପାରେ । ଓଟିପି ପଢିପାରେ । ବ୍ୟାଙ୍କିଙ୍ଗ ଆପ୍‌ରେ ସୂଚନା ଚୋରାଇପାରେ । କିଛି ମିନିଟ୍‌ରେ ଆକାଉଣ୍ଟ ଖାଲି କରିପାରେ । ଏହି କାରଣରୁ ସରକାରୀ ଏଜେନ୍ସି ବାରମ୍ବାର ଏପିକେ ଲିଙ୍କ ପ୍ରତି ସାବଧାନ ରହିବାକୁ ଚେତାବନୀ ଦେଇଥାନ୍ତି । ଏସବିଆଇ ସ୍ପଷ୍ଟ କରିଛି ଯେ, ଆଧାର ଅପଡେଟ୍‌ର କୌଣସି ପକ୍ରିୟା ବ୍ରାଞ୍ଚ, ୟୋନୋ ଆପ୍ କିମ୍ବା ଅଫିସିଆଲ ୱେବସାଇଟରୁ ହୋଇଥାଏ । ହ୍ୱାଟସଆପ୍ କିମ୍ବା ଏସ୍‌ଏମ୍‌ଏସ୍‌ରୁ କୌଣସି ଲିଙ୍କ୍ ପଠାଯାଏ ନାହିଁ । କୌଣସି ଥାର୍ଡ ପାର୍ଟି ଆପ୍‌କୁ ଡାଉନଲୋଡ୍ କରିବା ଦରକାର ହେବନି । ଯଦି ଭୁଲରେ ଲିଙ୍କ ଉପରେ କ୍ଲିକ୍ କରି ଏପିକେ ଡାଉନଲୋଡ୍ କରିଛନ୍ତି, ତେବେ ତୁରନ୍ତ ଫୋନ୍‌କୁ ଏରୋପ୍ଲେନ୍ ମୋଡରେ ରଖନ୍ତୁ । ସେହି ଆପକୁ ତୁରନ୍ତ ଡିଲିଟ୍ କରନ୍ତୁ । ବ୍ୟାଙ୍କ କଷ୍ଟମର କେୟାର ସହ ଯୋଗାଯୋଗ କରନ୍ତୁ । ୟୋନୋ ଓ ବ୍ୟାଙ୍କ ଆକାଉଣ୍ଟର ପାସୱାର୍ଡ ବଦଳାନ୍ତୁ । ନିକଟସ୍ଥ ସାଇବର କ୍ରାଇମ୍ ପୋର୍ଟାଲରେ ଅଭିଯୋଗ କରନ୍ତୁ ।

# ଯୁବ ସମାଜର ଆଦର୍ଶ ସ୍ୱାମୀ ବିବେକାନନ୍ଦ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

ଯୁବଶକ୍ତି ଓ ଯୁବ ଚେତନାର ପ୍ରତୀକ ଥିଲେ ସ୍ୱାମୀ ବିବେକାନନ୍ଦ । ସେ ଥିଲେ ଯୁବ ସମାଜର ଆଦର୍ଶ । ଭାରତବର୍ଷରେ ଦେଶଭକ୍ତ ସନ୍ନ୍ୟାସୀ ଭାବେ ପରିଚିତ ସ୍ୱାମୀ ବିବେକାନନ୍ଦ ।୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ କଲିକତାର ସିମିଳାପଲ୍ଲୀରେ ପିତା ବିଶ୍ୱନାଥ ଦତ୍ତ ଏବଂ ମାତା ଭୁବନେଶ୍ୱରୀ ଦେବୀଙ୍କର ପ୍ରଥମ ପୁତ୍ରରୁପେ ଜନ୍ମଗ୍ରହଣ କରିଥିଲେ ସ୍ୱାମୀଜୀ । ପିତା ଜଣେ ବିଶିଷ୍ଟ ଓକିଲ ହୋଇଥିବା ସ୍ଥଳେ ମାତା ଧର୍ମପ୍ରାଣା ମହିଳା ଥିଲେ । ତାଙ୍କ ପିଲାବେଳର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ, ଯିଏ ପରବର୍ତ୍ତୀ କାଳରେ ବିଶ୍ୱ ବରେଣ୍ୟ ଯୁଗପୁରୁଷ ସ୍ୱାମୀ ବିବେକାନନ୍ଦ ହୋଇଥିଲେ ।

ଆସନ୍ତାକାଲି ହେଉଛି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ । ତାଙ୍କ ଜୟନ୍ତୀରେ ଦେଶ ଆଜି ଜାତୀୟ ଯୁବ ଦିବସ ପାଳନ କରୁଛି । ଯୁବଶକ୍ତିର ଉତଥାନ ଦିଗରେ ତାଙ୍କର ଅବଦାନକୁ ସ୍ୱୀକୃତି ଦେଇ ଭାରତ ସରକାର ୧୯୮୪ ମସିହା ଜାନୁଆରୀ ୧୨ ତାରିଖକୁ ଜାତୀୟ ଯୁବ ଦିବସ ଭାବେ ପାଳନକରିବା ପାଇଁ ଘୋଷଣା କରିଥିଲେ । ୧୯୮୫ ରୁ ପ୍ରତିବର୍ଷ ଏହି ଦିବସକୁ 'ଜାତୀୟ ଯୁବ ଦିବସ' ଭାବେ ପାଳନ କରାଯାଉଛି । ଆଧୁନିକ ଭାରତର ନିର୍ମାତା କୁହାଯାଉଥିବା ସ୍ୱାମୀ ବିବେକାନନ୍ଦଙ୍କୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଏ । ବିବେକାନନ୍ଦଙ୍କ ଦର୍ଶନ ଓ ଆଦର୍ଶ ଆଡ଼କୁ ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଭାରତ ସରକାର ତାଙ୍କ ଜନ୍ମ ଦିବସକୁ ଜାତୀୟ ଯୁବ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଥିଲେ । ଆମ ଦେଶ ପାଇଁ ଏହା ଏକ ମହତ୍ତ୍ୱପୂର୍ଣ ଦିବସ । ଜାତୀୟ ଯୁବ ଦିବସ ହେଉଛି ଭାରତର ଯୁବକ ଏବଂ ଯୁବକମାନଙ୍କ ପାଇଁ ଉତ୍ସର୍ଗୀକୃତ ଏକ ବିଶେଷ ଦିନ, ଯେଉଁମାନଙ୍କର ଦେଶର ଭବିଷ୍ୟତକୁ ଉନ୍ନତ ତଥା ସୁସ୍ଥ କରିବାର ସାମର୍ଥ୍ୟ ରହିଛି । ଯୁବ ସମାଜକୁ ନେଇ ସେ ଅନେକ ସ୍ୱପ୍ନ ଦେଖିଥିଲେ । ସେମାନଙ୍କୁ ନିଜ କର୍ତ୍ତବ୍ୟବୋଧ ପ୍ରତି ସଚେତନ ତଥା ଜାଗ୍ରତ କରିବାକୁ ସର୍ବଦା ଚେଷ୍ଟିତ ରହୁଥିଲେ । ସ୍ୱାମୀ ବିବେକାନନ୍ଦ ଥିଲେ ଜଣେ ବିଖ୍ୟାତ ବିଦ୍ୱାନ, ସନ୍ନ୍ୟାସୀ ତଥା ଦୂରଦର୍ଶୀ ଯୁବବର୍ଗଙ୍କ ମାର୍ଗ ଦର୍ଶକ । ବିବେକାନନ୍ଦ ଥିଲେ ଯୁବବର୍ଗ ପାଇଁ ପ୍ରେରଣାର ଉତ୍ସ । ସ୍ୱାମୀ ବିବେକାନନ୍ଦ ଭାରତୀୟ ସଂସ୍କୃତି, ଦର୍ଶନ ଏବଂ ଗୌରବମୟ ଇତିହାସକୁ ସମଗ୍ର ବିଶ୍ୱରେ ପ୍ରଚାର ପ୍ରସାର କରିଥିଲେ । ସ୍ୱାମୀ ବିବେକାନନ୍ଦ ଯୁବକଙ୍କ ହୃଦୟରେ ରାଷ୍ଟ୍ରଭକ୍ତି ଜାଗ୍ରତ କରାଇବା ସହିତ ସେମାନଙ୍କୁ ଆଧୁନିକତାରୁ ଆଧାତ୍ମ ସହ ଯୋଡି ରହିବାର ନୂତନ ବିଚାର ଦେଇଯାଇଛନ୍ତି । ବିବେକାନନ୍ଦ ଜଣେ ସନ୍ଥ, ସମାଜସେବୀ ତଥା ପ୍ରେମ ଓ ଶାନ୍ତିର ପ୍ରଚାରକ ଭାବେ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ।ଜ୍ଞାନ, କର୍ମ, ଦେଶଭକ୍ତି, ଗୁରୁଭକ୍ତି, ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବିବେକାନନ୍ଦ ।

ଭାରତର ପ୍ରାୟ ୬୫ ପ୍ରତିଶତ ଜନତାଙ୍କ ବୟସ ୩୫ ବର୍ଷରୁ କମ । ଏଣୁ ଯୁବସମାଜ ହେଉଛନ୍ତି ଭାରତର ଶକ୍ତି ଓ ଭବିଷ୍ୟତ । ଏଣୁ ଭାରତ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା କରିବାକୁ ହେଲେ ଆମକୁ ସ୍ୱାମୀ ବିବେକାନନ୍ଦଙ୍କ ବାଣୀକୁ ପାଳନ କରି ଯୁବ ସମାଜକୁ ସଶକ୍ତ କରିବାକୁ ହେବ । ଯୁବକମାନଙ୍କୁ ସ୍ୱାମୀ ବିବେକାନନ୍ଦ ଥରେ କହିଥଲେ, "ତୁମେ ଯାହା ଭାବୁଛ, ତୁମେ ହେବ । ଯଦି ତୁମେ ନିଜକୁ ଦୁର୍ବଳ ବୋଲି ଭାବୁଛ, ତୁମେ ଦୁର୍ବଳ ହୋଇଯିବ, ଯଦି ନିଜକୁ ଶକ୍ତିଶାଳୀ ବୋଲି ଭାବୁଛ, ତୁମେ ଶକ୍ତିଶାଳୀ ହେବ । ସେ ଆହୁରି ମଧ୍ୟ କହିଛନ୍ତି, "ଉଚ୍ଚକୁ ଦେଖ, ଉଚ୍ଚ ଲକ୍ଷ୍ୟ ରଖ, ଏବଂ ତୁମେ ସର୍ବୋଚ୍ଚ ସ୍ତରରେ ପହଞ୍ଚିବ" । ତାଙ୍କର ବିଭିନ୍ନ ଲେଖା ଭିତରେ ସେ ଯୁବ ସମାଜକୁ ନିର୍ଭୀକ ହେବାପାଇଁ ଉପଦେଶ ଦେଇଯାଇଛନ୍ତି । ଯୁବକମାନଙ୍କ ପ୍ରତି ତାଙ୍କର ବାର୍ତ୍ତା ସରଳ କିନ୍ତୁ ଶକ୍ତିଶାଳୀ ଥିଲା । ସ୍ୱାମୀଜୀ କହୁଥିଲେ ଯୁବଶକ୍ତିକୁ ଜାଗ୍ରତ କରି ଦେଶକୁ ଆଗକୁ ନେଇହେବ । ଏଥିପାଇଁ ଆମକୁ ଯୁବଶକ୍ତିକୁ ସଚେତନ ଓ ସଶକ୍ତ କରିବାକୁ ହେବ । ଯୁବକମାନଙ୍କୁ ଶାରୀରିକ ଓ ମାନସିକ କ୍ଷେତ୍ରରେ ସୁସ୍ଥ ଓ ପରାକ୍ରମଶାଳୀ ହେବାକୁ ସେ ଶୁଣାଇଛନ୍ତି ତାଙ୍କର ସତର୍କବାଣୀ । ଜ୍ଞାନଯୋଗ, ଭକ୍ତିଯୋଗ, କର୍ମଯୋଗ ଓ ରାଜଯୋଗ ପ୍ରଭୃତି ସାଧନା ବିଷୟରେ ସେ ଯୁବକମାନଙ୍କୁ ଦେଇଛନ୍ତି ବହୁ ଉପଦେଶ । ସେ ଯାହା କହିଛନ୍ତି ତାହା ଆଜି ଆମ ଦେଶର ଯୁବକମାନଙ୍କ ପାଇଁ ମହତ୍ତ୍ୱ ବହନ କରୁଛି ।

ଆଜିର ଯୁବସମାଜ ପଥଭ୍ରଷ୍ଟ ଓ ଲକ୍ଷ୍ୟହୀନ ଭାବେ ଘୁରିବୁଲୁଛି । ଯୁବଗୋଷ୍ଠୀ ଆଜି ବିଶୃଙ୍ଖଳିତ, ବେପରୁଆ ଓ ଦାୟିତ୍ୱହୀନ । ନୀତି ଓ ନୈତିକତା ଠାରୁ ସେମାନେ ଦୁରେଇଯାଉଛନ୍ତି । ନକରାତ୍ମକ ଚିନ୍ତାଧାରା ସେମାନଙ୍କୁ ଗ୍ରାସକରିଛି । ଯେଉଁମାନଙ୍କର ଶକ୍ତି, ତ୍ୟାଗ, ସାହସ ଓ କର୍ତ୍ତବ୍ୟପରାୟଣତା ପଭୃତି ଗୁଣାବଳୀକୁ ନେଇ ସମାଜ ଗର୍ବକରେ ଆଜିର ଦିନରେ ତାହା ଅବକ୍ଷୟ ହେବାର ଦେଖାଦେଇଛି । ବର୍ତ୍ତମାନ ଯୁବ ସମାଜର ନୀତି ଓ ଆଦର୍ଶର ସ୍ଖଳନ ଘଟିଛି । ସାମାଜିକ, ରାଜନୈତିକ, ସାଂସ୍କୃତିକ ମୂଲ୍ୟବୋଧର ହ୍ରାସ ଘଟୁଛି ।ସେଥିପାଇଁ ଆଜିର ଯୁବ ସମାଜ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ ।କାରଣ ଗୋଟିଏ ଦେଶର ଉନ୍ନତି ପାଇଁ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଯେଉଁ ଦେଶର ଯୁବଶକ୍ତି ଯେତେ ଉନ୍ନତ ସେଦେଶ ସେତେ ଉନ୍ନତ । କାରଣ ଯୁବଶକ୍ତି ହେଉଛି ଦେଶର ଭବିଷ୍ୟତ ଯାହାଙ୍କୁନେଇ ଏ ଦେଶ ଗର୍ବ କରେ । ମହର୍ଷି ଶ୍ରୀ ଅରବିନ୍ଦ କହିଥିଲେ– ଜଣେ ସାହସୀ, ଖୋଲାମନ, ନିର୍ମଳ ହୃଦୟ ଏବଂ ଆଗ୍ରହୀ ଯୁବକ ହିଁ ଏକମାତ୍ର ମୂଳଦୁଆ, ଯାହାର ଭବିଷ୍ୟତ ଉପରେ ଦେଶ ଗଠନ ହୋଇପାରିବ ।

ତାଙ୍କର ଶବ୍ଦ ଆଜି ଏକବିଂଶ ଶତାବ୍ଦୀର ଭାରତର ଯୁବକମାନଙ୍କପାଇଁ ଜୀବନର ମନ୍ତ୍ର ସଦୃଶ । ଯୁବ ସମାଜ ହେଉଛି ଅସୀମ ଶକ୍ତି, ସାହସ ଓ ବୀରତ୍ୱର ପ୍ରତୀକ । ତେଣୁ ଯେଉଁ ଦେଶ ଏ ଅସୀମ ଶକ୍ତିକୁ ବିନିଯୋଗ କରିପାରିବ ସେ ଦେଶ ସେତେ ପ୍ରଗତି ପଥରେ ଅଗ୍ରସର ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଆଜିର ସମାଜରେ ଯେଉଁଠି ଭ୍ରଷ୍ଟାଚାର, ଅପରାଧ, ହିଂସାର ରାଜୁତି ଚାଲିଛି, ଏପରି ପରିସ୍ଥିତିରେ ଦେଶର ଯୁବ ଶକ୍ତିକୁ ଜାଗ୍ରତ କରିବା ଓ ଦେଶ ପ୍ରତି ତାଙ୍କ କର୍ତ୍ତବ୍ୟ ବିଷୟରେ ଅବଗତ କରାଇବା ନିହାତି ଆବଶ୍ୟକ । ସ୍ୱାମୀଜୀଙ୍କ ପରାମର୍ଶ ଓ ଦର୍ଶନଶାସ୍ତ୍ରରେ ସେହି କ୍ରାନ୍ତି ଓ ତେଜ ଅଛି ଯାହା ସମ୍ପୂର୍ଣ୍ଣ ଯୁବପିଢିକୁ ନୂତନ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ହୃଦୟକୁ ଭେଦ କରିପାରିବ । ସେମାନଙ୍କ ମଧ୍ୟରେ ନୂତନ ଶକ୍ତି ଓ ସକରାତ୍ମକ ଚିନ୍ତାଧାରା ସଞ୍ଚାର କରିପାରିବ । ସ୍ୱାମୀ ବିବେକାନନ୍ଦ କହିଥିଲେ ଯୁବକମାନେ କେବଳ ରାଷ୍ଟ୍ର ଗଠନ ନୁହେଁ, ଯୁବଶକ୍ତି ଅଧିକାର ଓ ସଚେତନତା ସମ୍ପର୍କରେ ଜାଣି ରାଷ୍ଟ୍ର ବିକାଶରେ ଜଣେ ଜଣେ ସିପାହୀ ହେବା ଦରକାର ।

ଗାନ୍ଧିଜୀ କହିଥିଲେ ଆମ ଦେଶରେ ଯୁବକମାନଙ୍କ ମଧ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଧାରଣା ଏବଂ ଆଦର୍ଶ ବିସ୍ତାର କରିବାର ମହତ୍ତ୍ୱ ରହିଛି । ଆଜିର ଯୁବସମାଜ ପାଇଁ ବିବେକାନନ୍ଦ ଥିଲେ ସର୍ବଶ୍ରେଷ୍ଠ ଆଦର୍ଶ । ଯୁବପିଢୀଙ୍କ ପାଇଁ ପ୍ରେରଣାର ସ୍ରୋତ ଥିଲେ ସ୍ୱାମୀ ବିବେକାନନ୍ଦ । ବିବେକାନନ୍ଦଙ୍କର ଆଦର୍ଶକୁ କେବଳ ଜଣେ ତାଙ୍କର ଜନ୍ମଜୟନ୍ତୀରେ ଗ୍ରହଣ କରି ତାପରେ ଭୁଲିଗଲେ ହେବନାହିଁ । ପ୍ରତ୍ୟେକ ମଣିଷ ତା'ର ଜୀବନକାଳ ମଧ୍ୟରେ ବିବେକାନନ୍ଦଙ୍କ ଆଦର୍ଶକୁ ସକାରାତ୍ମକ ଦିଗରେ ପ୍ରୟୋଗ କରିବାର ଆବଶ୍ୟକତା ରହିଛି । ଭାରତୀୟ ଦର୍ଶନର ମୂଳମନ୍ତ୍ର ହେଉଛି 'ମାନବ ସେବାହିଁ ମାଧବ ସେବା' । ଏହି ଧାରଣା ବିବେକାନନ୍ଦଙ୍କୁ ଶେଷରେ ସ୍ଥିର ସିଦ୍ଧାନ୍ତରେ ପହଞ୍ଚାଇଥିଲା । ଜନତା ଜନାର୍ଦ୍ଦନ ସେବାରେ ବିବେକାନନ୍ଦ ନିଜର ଜୀବନକୁ ସମର୍ପି ଦେଇଥିଲେ । ତେଣୁ ଏହି ଜାତୀୟ ଯୁବ ଦିବସ ପାଳନ ଅବସରରେ ଆଜିର ଯୁବସମାଜ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଓ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ ।

# ଶିବ ମନ୍ଦିରକୁ ନେଇ ଥାଇଲ୍ୟାଣ୍ଡ - କାମ୍ବୋଡିଆ ଲଢେଇ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଡିସେମ୍ବର ୧୨ ତାରିଖ ଦିନ ଥାଇଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଅନୁତିନ ଚରଣାବିରାକୁଳ ଏବଂ କାମ୍ବୋଡିଆର ପ୍ରଧାନମନ୍ତ୍ରୀ ହୁନ ମେନତଙ୍କ ସହ ଟେଲିଫୋନରେ ଆଲୋଚନା କରିବା ପରେ ଦୁଇଦେଶ ମଧ୍ୟରେ ଯୁଦ୍ଧ ବିରତି କରିବାରେ ସକ୍ଷମ ହୋଇଛନ୍ତି ବୋଲି କହିଥିଲେ । ଟ୍ରମ୍ପଙ୍କ ଏହି ବୟାନ ପରେ ଥାଇଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ସ୍ପଷ୍ଟିକରଣ ଦେଇ କହିଛନ୍ତି ଯେ ଯୁଦ୍ଧ ବିରତି ପ୍ରସଙ୍ଗରେ ଟ୍ରମ୍ପଙ୍କ ସହ କୌଣସି ଆଲୋଚନା ହୋଇନାହିଁ । ପ୍ରସଙ୍ଗ ଯୁଦ୍ଧ ବିରତିକୁ ନେଇ ନୁହେଁ ବରଂ ପ୍ରସଙ୍ଗ ହେଉଛି ଦକ୍ଷିଣ ପୂର୍ବ ଏସିଆର ଏହି ଦୁଇଦେଶ ମଧ୍ୟରେ ଚାଲିଥିବା ଏହି ଲଢ଼େଇରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଛି ଏପରିକି ୫ଲକ୍ଷରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି । ଲଢ଼େଇର କାରଣ ହେଉଛି ଉପନିବେଶ ଯୁଗରେ ନିର୍ଦ୍ଧାରିତ କରାଯାଇଥିବା ୮୦୦ କିଲୋମିଟର ସୀମା । ସୀମା ବିବାଦ ଆଜିର ନୁହେଁ, ଏହା ପୁରୁଣା ବିବାଦ । ଏହି ବିବାଦୀୟ ସୀମାରେ ରହିଛି ଏକ ପ୍ରାଚୀନ ଶିବ ମନ୍ଦିର ଓ ଏହି ମନ୍ଦିର ଉପରେ ଉଭୟ ଦେଶ ନିଜର ମାଲିକାନା ଉପସ୍ଥାପନ କରୁଛନ୍ତି । ଭାରତ ମଧ୍ୟ ଏ ଘଟଣା ଉପରେ ନଜର ରଖିଛି ଓ ଶିବମନ୍ଦିରର ଯେପରି କିଛି କ୍ଷତି ନହୁଏ ସେ ପ୍ରସଙ୍ଗରେ ଉଭୟ ଦେଶକୁ ପରାମର୍ଶ ଦେଇଛି । ଥାଇଲ୍ୟାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ରହିଛି ଡ଼ାଙ୍ଗରେକ ପର୍ବତମାଳା । ଏହି ପର୍ବତମାଳାକୁ ଦୁଇ ଦେଶ ମଧ୍ୟରେ ପ୍ରାକୃତିକ ସୀମା ବୋଲି କୁହାଯାଏ । ଏହି ପର୍ବତମାଳା ମଧ୍ୟରେ ରହିଛି ପ୍ରେହ ବିହାର । ଜଙ୍ଗଲ ଘେରା ପାହାଡିଆ ମେକାଙ୍ଗ ନଦୀ ଥାଇଲ୍ୟାଣ୍ଡର ସେନ କାମ୍‌ଫେଙ୍ଗର ପାହାଡି ଅଞ୍ଚଳ ପର୍ଯ୍ୟନ୍ତ ବହିଛି ।

ପ୍ରେହ ବିହାରର ନିର୍ମାଣ ୯ମ ଶତାବ୍ଦିରୁ ୧୨ଶ ଶତାବ୍ଦୀ ମଧ୍ୟରେ ଖେମର ରାଜା ଯଶୋବର୍ମନ (୧) ଏବଂ ସୂର୍ଯ୍ୟବର୍ମନ ୧ ଓ ୨ କରାଇଥିଲେ ବୋଲି କୁହାଯାଏ । ପ୍ରେହ ବିହାରରେ ରହିଛି ଭଗବାନ ଶିବଙ୍କର ଏକ ଭବ୍ୟ ମନ୍ଦିର । ଏହାର ପ୍ରାଚୀନ ନାମ ହେଉଛି ଶ୍ରୀ ଶିଖରେଶ୍ୱର । ମନ୍ଦିରଟି କାମ୍ବୋଡିଆର ପ୍ରେହବିହାର ଅଞ୍ଚଳରେ ରହିଛି ଏବଂ ଭୂପୃଷ୍ଠ ଠାରୁ ୭୦୦ ମିଟର ଉପରେ ପାହାଡ଼ ଉପରେ ଅବସ୍ଥିତ । କାମ୍ବୋଡିଆରୁ ଏହି ମନ୍ଦିରକୁ ଯିବା ପାଇଁ ରାସ୍ତା ରହିଛି । କିନ୍ତୁ ମନ୍ଦିର ଅବସ୍ଥିତ ଅଞ୍ଚଳକୁ ନେଇ ବିବାଦ ରହିଛି । ଥାଇଲ୍ୟାଣ୍ଡ ଓ କାମ୍ବୋଡିଆ ଉଭୟ ଦେଶ ଏହି ମନ୍ଦିରକୁ ନେଇ ଲଢେଇ କରୁଛନ୍ତି । ୟୁନେସ୍କୋର ତଥ୍ୟ ଅନୁସାରେ ମନ୍ଦିରର ପ୍ରବେଶ ଦ୍ୱାରରେ ହିନ୍ଦୁ ପୌରାଣିକ କଥାବଳି ଓ ଚିତ୍ର ରହିଛି । ଏବାବଦରେ ଯେଉଁ ସବୁ ତଥ୍ୟ ରହିଛି ତଦନୁସାରେ ଥାଇଲ୍ୟାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ବିବାଦର କାରଣ ହେଉଛି ଉପନିବେଶ କାଳରେ ଧାର୍ଯ୍ୟ କରାଯାଇଥିବା ସୀମା । ୧୯୦୪ ଓ ୧୯୦୭ରେ ହୋଇଥିବା ଫ୍ରାଙ୍କୋ ସିଆମିଜ ବୁଝାମଣା ହୋଇଥିଲା । ସେହି ବୁଝାମଣାରେ ଡାଙ୍ଗରେକ ପାହାଡ଼ମାଳା ମଧ୍ୟରେ ବହୁଥିବା ନଦୀକୁ ସୀମା ଭାବେ ପରିଭାଷିତ କରାଯାଇଥିଲା । ସୀମା ନିର୍ଦ୍ଧାରଣର ନକ୍ସାରେ ପ୍ରେହ ବିହାର କାମ୍ବୋଡିଆର ବୋଲି ଦର୍ଶା ଯାଇଥିଲା । କିନ୍ତୁ ମନ୍ଦିର ଯେଉଁ ପାହାଡ଼ର ଚଟାଣ ଉପରେ ଅବସ୍ଥିତ ସେ ସ୍ଥାନକୁ ଥାଇଲ୍ୟାଣ୍ଡରୁ ମଧ୍ୟ ସହଜରେ ପହଞ୍ଚି ହେବ । କାମ୍ବୋଡିଆ ଫ୍ରାନ୍ସ ଅଧିନରୁ ସ୍ୱାଧିନ ହେବାପରେ କାମ୍ବୋଡିଆର ଶାସକମାନେ ପ୍ରେହବିହାର କାମ୍ବୋଡିଆର ବୋଲି ଦାବି କଲେ କିନ୍ତୁ ଥାଇଲ୍ୟାଣ୍ଡ ସେ ଅଞ୍ଚଳରେ ନିଜର ସେନାକୁ ଜଗାରଖା ପାଇଁ ମୁତୟନ କରିଦେଲା । ଶିବମନ୍ଦିର ଅଞ୍ଚଳକୁ ନେଇ କାମ୍ବୋଡିଆ ଇଣ୍ଟରନ୍ୟାସନାଲ କୋର୍ଟ ଅଫ ଜଷ୍ଟିସ ଯାଇଥିଲା ଓ ୧୯୬୨ରେ ଇଣ୍ଟରନ୍ୟାସନାଲ କୋର୍ଟ ମନ୍ଦିର କାମ୍ବୋଡିଆର ବୋଲି କହିଥିଲେ ।

୧୯୬୨ରେ ଇଣ୍ଟରନ୍ୟାସନାଲ କୋର୍ଟ ଅଫ ଜଷ୍ଟିସର ରାୟପରେ ମଧ ଥାଇଲ୍ୟାଣ୍ଡ ମନ୍ଦିର ଥାଇଲ୍ୟାଣ୍ଡର ବୋଲି କହୁଛି । କୋର୍ଟ ଥାଇଲ୍ୟାଣ୍ଡର ଦାବିକୁ ଅଗ୍ରାହ୍ୟ କରିବା ସହ ଥାଇଲ୍ୟାଣ୍ଡ ତାର ସେନା ପ୍ରତ୍ୟାହାର କରୁ ବୋଲି ଆଦେଶ ଦେଇଥିଲେ । ମନ୍ଦିର ସିନା କାମ୍ବୋଡିଆର ହୋଇଗଲା ହେଲେ ତାର ଆଖ ପାଖ ଅଞ୍ଚଳ ବାବଦରେ ଇଣ୍ଟରନ୍ୟାସନାଲ କୋର୍ଟ କୌଣସି ମନ୍ତବ୍ୟ ଦେଇନଥିଲେ । ଏହି କାରଣରୁ ଅନେକ ସମୟରେ ଏହି ଅଞ୍ଚଳକୁ ନେଇ ଦୁଇଦେଶ ମଧ୍ୟରେ ଟଣାଓଟରା ଚାଲିଛି । ୨୦୦୮ରେ ୟୁନେସ୍କୋ ଏହି ମନ୍ଦିରକୁ ୱାର୍ଲ୍ଡ ହେରିଟେଜ ଭାବେ ଘୋଷିତ କଲା । ଫଳରେ ଏହି ଅଞ୍ଚଳର ଐତିହାସିକ ଗୁରୁତ୍ୱ ବଢିଲା କିନ୍ତୁ ଉଭୟ ଦେଶ ମଧ୍ୟରେ ତିକ୍ତତା ବଢ଼ିଲା ଏବଂ ସୀମାରେ ଲଢେଇ ଆରମ୍ଭ ହୋଇଗଲା । ଏ ପ୍ରସଙ୍ଗରେ ବିବାଦ ବଢ଼ିଲା ଓ ୨୦୧୩ରେ ପୁନର୍ବାର ଇଣ୍ଟରନ୍ୟାସନାଲ କୋର୍ଟ ଅଫ ଜଷ୍ଟିସ ୧୯୬୨ର ଆଦେଶକୁ ବଳବତ୍ତର ରଖିଥିଲ ଓ ପ୍ରେହ ବିହାର (ମନ୍ଦିରସ୍ଥାନ)କୁ ସଂପୂର୍ଣ୍ଣ କାମ୍ବୋଡିଆର ବୋଲି କହିଥିଲେ । କୋର୍ଟ କହିଥିଲେ ଯେ ଯେହେତୁ ମନ୍ଦିର ଦୁଇଦେଶର ସୀମାରେ ଅବସ୍ଥିତ ଏପରିକି ମନ୍ଦିରର ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ରହିଛି ସେଇ ଦୃଷ୍ଟିରୁ ଥାଇଲ୍ୟାଣ୍ଡ ଓ କାମ୍ବୋଡିଆ ଉଭୟଦେଶ ମନ୍ଦିରର ସୁରକ୍ଷାରେ ସହଯୋଗ କରିବା ଉଚିତ୍ । କିନ୍ତୁ ଇଣ୍ଟରନ୍ୟାସନାଲ କୋର୍ଟଙ୍କ ଆଦେଶ ସତ୍ତ୍ୱେ ଦୁଇଦେଶ ମଧ୍ୟରେ ଶିବ ମନ୍ଦିରକୁ ନେଇ ବିବାଦ ଜାରି ରହିଛି । ଗତ ଡିସେମ୍ବର ମାସରେ ଦୁଇଦେଶ ମଧ୍ୟରେ ହୋଇଥିବା ଲଢେଇରେ ଶତାଧିକ ଲୋକ ପ୍ରାଣ ହରାଇଛନ୍ତି । ଟ୍ରମ୍ପ କହୁଛନ୍ତି ଯୁଦ୍ଧ ବିରତି ହୋଇଛି କିନ୍ତୁ ଥାଇଲ୍ୟାଣ୍ଡ ସେ କଥା ମାନିବାକୁ ରାଜିନୁହେଁ ।

# ସ୍କୁଲରେ ଖବର କାଗଜ ପଠନ ବାଧ୍ୟତାମୂଳକ ହେଉ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଉତ୍ତର ପ୍ରଦେଶର ସହକାରୀ ବିଦ୍ୟାଳୟଗୁଡିକରେ ଖବରକାଗଜ ପଠନକୁ ବାଧ୍ୟତାମୂଳକ କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତି କେବଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପଠନ ଅଭ୍ୟାସ, ଭାଷାଗତ ଦକ୍ଷତା ଏବଂ ସାଧାରଣ ଜ୍ଞାନକୁ ବୃଦ୍ଧି କରିବ ନାହିଁ, ପରୋକ୍ଷ ଭାବେ ଛାପା ଏବଂ ପ୍ରକାଶନ ସଂସ୍ଥା କ୍ଷେତ୍ରରେ ଅତ୍ୟନ୍ତ ଲାଭଦାୟକ ହେବ ବୋଲି କୁହାଯାଇପାରିବ । ଆହୁରି ମଧ୍ୟ ମୋବାଇଲ ଓ ଟେଲିଭିଜନ ପରଦା ଉପରୁ ଛାତ୍ରଛାତ୍ରୀଙ୍କ ନଜର ହଟାଇବାରେ ସମର୍ଥ ହେବ । ଏହା ନିସନ୍ଦେହ ଯେ ମୋବାଇଲ ଓ ଇଣ୍ଟରନେଟର ବହୁଳ ବ୍ୟବହାର ଯୋଗୁଁ ଛାତ୍ରଛାତ୍ରୀମାନଙ୍କର ପଠନ ଅଭ୍ୟାସ, ଭାଷାଗତ ପାରଙ୍ଗମତା ଏବଂ ଜୀବନର ପ୍ରତ୍ୟେକ ସମୟରେ ଆବଶ୍ୟକ ହେଉଥିବା ସାଧାରଣଜ୍ଞାନ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ଏରିମେଣ୍ଟରିଆ ଜର୍ଣ୍ଣାଲ ଅଫ ଏଜୁକେଶନାଲ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଖବର କାଗଜ ପଠନ ଭାଷାର ବିକାଶ ପାଇଁ ଏକ ମାନଦଣ୍ଡ ହୋଇପାରିବ ଏଇଥିପାଇଁ ଯେ, ଏହା ନିୟମିତ ପାଠ କରିବା ଯୋଗୁଁ ଭାଷା ଓ ସଦ୍ୟ ଘଟଣାବଳି ଉପରେ ଛାତ୍ରଛାତ୍ରୀମାନଙ୍କର ଜ୍ଞାନ ବୃଦ୍ଧି ପାଇବ । କହିବା ବାହୁଲ୍ୟ ଯେ, ଶ୍ରେଣୀ କକ୍ଷ୍ୟ ମଧ୍ୟରେ ଛାତ୍ରଛାତ୍ରୀ ପାଠ୍ୟପୁସ୍ତକରେ ଥିବା ଜ୍ଞାନ ଆହରଣ କରିଥାନ୍ତି । କିନ୍ତୁ ପାଠ୍ୟପୁସ୍ତକ ବାହାରେ ପଠନ ଅଭ୍ୟାସ ପିଲାମାନଙ୍କ ଜ୍ଞାନକୁ ଆହୁରି ରୁଚିମନ୍ତ କରିଥାଏ । ସେହିପରି ଦୈନିକ ଖବରକାଗଜ ପଠନ ମିଥ୍ୟା, ଗୁଜବ, ବିଭ୍ରାନ୍ତିକର ତଥ୍ୟକୁ ଦୂର କରିବାରେ ସହାୟକ ହୋଇଥାଏ । ଏହା ନିସନ୍ଦେହ ଯେ, ସାଂପ୍ରତିକ ସମୟରେ ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ବିଶ୍ୱାସନୀୟତା ହରାଉଥିବାବେଳେ ଛାପା ଗଣମାଧ୍ୟମ ତଥା ସମ୍ବାଦପତ୍ରର ବିଶ୍ୱାସନୀୟତା ବୃଦ୍ଧି ପାଉଛି । ଏକ ଟ୍ରଷ୍ଟ ସର୍ଭେ ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଛାପା ଗଣମାଧ୍ୟମ ତଥା ସମ୍ବାଦପତ୍ରର ବିଶ୍ୱାସନୀୟତା ୬୮ ପ୍ରତିଶତରୁ ଅଧିକ ରହିଥିବାବେଳେ ଅନ୍ୟଗଣମାଧ୍ୟମ ଗୁଡିକର ବିଶ୍ୱାସନୀୟତା ହ୍ରାସ ପାଇବାରେ ଲାଗିଛି । ବିଶେଷ କରି ସାମାଜିକ ଗଣମାଧ୍ୟମ ବିଶ୍ୱାସନୀୟତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆହୁରି ମଧ୍ୟ ଖବରକାଗଜ ରାଜନୀତି, ବିଜ୍ଞାନ, ଅର୍ଥନୀତି, କ୍ରୀଡା, ପରିବେଶ, ସଂସ୍କୃତି, ଆଂଚଳିକ ବ୍ୟାପାର ସମ୍ପର୍କିତ ତଥ୍ୟ ପ୍ରକାଶିତ ହୋଇଥାଏ । ଛାତ୍ରଛାତ୍ରୀମାନେ ନିଜ ମନ ପସନ୍ଦ ଅନୁଯାୟୀ ତଥ୍ୟ କେବଳ ଖବରକାଗଜରୁ ହିଁ । କେବଳ ଉତରପ୍ରଦେଶ ନୁହେଁ, ରାଜସ୍ଥାନ ସରକାର ମଧ୍ୟ ବିଦ୍ୟାଳୟରେ ଖବରକାଗଜ ପଠନକୁ ବାଧ୍ୟତାମୂଳକ କରିଛନ୍ତି । ପିଲାମାନେ ଦୈନିକ ପ୍ରାର୍ଥନା କ୍ଲାସରେ ୧୦ମିନିଟ୍ ଲେଖାଏଁ ଉଭୟ ଇଂରାଜୀ ଓ ହିନ୍ଦି ଖବରକାଗଜ ପଢିବା ବାଧ୍ୟତାମୂଳକ କରିଛନ୍ତି । ଏପରିକି ପିଲାମାନେ ଡିଜିଟାଲରେ ଉପଲବ୍ଧ ଇ-ପେପର ପରିବର୍ତ୍ତେ ପ୍ରତ୍ୟକ୍ଷ (ଫିଜିକାଲ) ଉପଲବ୍ଧ ଛାପା ଖବରକାଗଜ ପଢିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । କେବଳ ଏତିକି ନୁହେଁ, ଖବରକାଗଜରୁ ଦୈନିକ ୫ଟି ଶବ୍ଦ ଚିହ୍ନଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯାହାକି ପିଲାଙ୍କ ଶବ୍ଦ ଗତ ଜ୍ଞାନ ବୃଦ୍ଧି କରିବା ସହ ଏହାର ପ୍ରୟୋଗ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହୋଇପାରିବ । ଆହୁରି ମଧ୍ୟ ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଅତିକମରେ ଗୋଟିଏ ଇଂରାଜୀ ଓ ଗୋଟିଏ ହିନ୍ଦି ଖବରକାଗଜ କିଣିବାକୁ ବାଧ୍ୟତାମୂଳକ କରାଯାଇଛି । ଏହା ନିସନ୍ଦେହ ଯେ, ଯେତେବେଳେ ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମ ପ୍ରଭାବରେ ଛାପା ଗଣମାଧ୍ୟମ ସଂକୁଚିତ ହେବାରେ ଲାଗିଛି, ସେତେବେଳେ ଦୁଇ ରାଜ୍ୟସରକାରଙ୍କର ଖବରକାଗଜ ପଠନ ବାଧ୍ୟତାମୂଳକ ନିଷ୍ପତ୍ତି ଏହାପାଇଁ ଲାଭଦାୟକ ହୋଇଛି । ସମ୍ବାଦପତ୍ରର ଛାପା ସଂଖ୍ୟା ଏବଂ ପ୍ରସାର ଦିନକୁ ଦିନ ହ୍ରାସ ପାଉଥିବାବେଳେ ପେଷାଗତ ଜର୍ଣ୍ଣାଲିଜମ୍ ପ୍ରତି ଉଦବେଗର କାରଣ ହୋଇଛି । କିନ୍ତୁ ଏହା ସତ୍ତ୍ୱେ ବିଦ୍ୟାଳୟଗୁଡିକରେ ଖବରକାଗଜ ପଠନ ବାଧ୍ୟତାମୂଳକ ପଠନ ଏବଂ ଏହା ସବକ୍ରାଇବ୍ କରିବା ପାଇଁ ଦୁଇଟି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଏହାର ମର୍ଯ୍ୟଦା, ମୂଲ୍ୟବୋଧ ଯେ, ଅନ୍ୟ ଗଣମାଧ୍ୟମ ଠାରୁ ଉଚ୍ଚରେ ଏହି ସଂକେତ ପ୍ରଦାନ କରେ । ଖବରକାଗଜ ପ୍ରତି ପିଲାମାନଙ୍କ ଆଗ୍ରହ ବୃଦ୍ଧି ଲାଗି ପ୍ରକାଶନୀ ସଂସ୍ଥା ଷ୍ଟୁଡେଣ୍ଟ-ଓରିଏଣ୍ଟେଡ ସଂସ୍କରଣ ପ୍ରତି ଧ୍ୟାନ ଦେବା ଜରୁରୀ । ଦେଶର ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ସରକାର ଉତ୍ତରପ୍ରଦେଶ ଓ ରାଜସ୍ଥାନର ପଦାଙ୍କ ଅନୁସରଣ କରି ଖବରକାଗଜ ପଠନକୁ ବିଦ୍ୟାଳୟଗୁଡିକରେ ବାଧ୍ୟତାମୂଳକ କରିବା ଜରୁରୀ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଜାନୁଆରୀ, ରବିବାର, ୨୦୨୬
ପୃଷ୍ଠା – ୬

# ଆଜି ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ଦିନିକିଆ

**ବଡ଼ୋଦରା**

ରବିବାର ବଡ଼ୋଦରାର କୋଟାମ୍ବି ଷ୍ଟାଡିୟମରେ ଖେଳାଯିବ ଭାରତ-ନ୍ୟୁଜିଲାଣ୍ଡ ଦିନିକିଆ ସିରିଜର ପ୍ରଥମ ମ୍ୟାଚ। ଏହି ମ୍ୟାଚରେ ବିଜୟ ସହ ଭାରତ ନୂଆ ବର୍ଷରେ ନିଜର ଅଭିଯାନ ଆରମ୍ଭ କରିବାକୁ ଉଦ୍ୟମ କରିବ। ଏହି ମ୍ୟାଚରେ ଭାରତର ଦୁଇ ତାରକା ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ଉଭୟ ବ୍ୟାଟ୍ସମ୍ୟାନ ଭଲ ପ୍ରଦର୍ଶନ କରିଥିଲେ । ଏହି ସିରିଜରେ କୋହଲି ୨ଟି ଶତକ ଅର୍ଜନ କରିଥିବାବେଳେ ଗୋଟିଏ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ସେହିପରି ରୋହିତ ଦୁଇଟି ଅର୍ଦ୍ଧଶତକ ଅର୍ଜନ କରିଥିଲେ। ଅନ୍ୟପକ୍ଷରେ ଖରାପ ଫର୍ମ କାରଣରୁ ଟି-୨୦ ଟିମରୁ ବାଦ ପଡ଼ିଥିବା ଶୁବମନ ଗିଲଙ୍କ ଉପରେ ବି ସମସ୍ତଙ୍କ ନଜର ରହିବ। ସେ ଏକ ଭଲ ଇନିଂସ ଖେଳି ଫର୍ମକୁ ଫେରିବାକୁ ଚେଷ୍ଟା କରିବେ ।

ପ୍ରାୟ ୧୫ ବର୍ଷ ପରେ ବଡ଼ୋଦରାକୁ କୌଣସି ପୁରୁଷ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ ଫେରିଛି। ଶେଷଥର ପାଇଁ ୨୦୧୦ରେ ଏଠାରେ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯାଇଥିଲା । ଶେଷ ମ୍ୟାଚଟି ମଧ୍ୟ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିଲା । ସେହି ମ୍ୟାଚରେ



ବର୍ତ୍ତମାନର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଶତକ ଅର୍ଜନ କରିବା ସହ ବିରାଟ କୋହଲି ଅର୍ଦ୍ଧଶତକ ଅର୍ଜନ ରିଥିଲେ। ବିଗତ କିଛି ବର୍ଷ ହେବ ଅହମ୍ମଦାବାଦର ନରେନ୍ଦ୍ରମୋଦୀ ଷ୍ଟାଡିୟମରେ ଅଧିକାଂଶ ମ୍ୟାଚ ହେଉଥିବାବେଳେ ବଡ଼ୋଦରାରେ କେବଳ ରଣଜୀ, ବିଜୟ ହଜାରେ ପରି ଘରୋଇ ଟୁର୍ଣ୍ଣାମେଣ୍ଟ ଖେଳାଯାଉଥିଲା। ଏବେ ୧୫ ବର୍ଷ ପରେ ପୁଣି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଫେରିଥିବାରୁ ବଡ଼ୋଦରା ପାଇଁ ଏହି ମ୍ୟାଚର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି।

# ବିଶ୍ୱକପ୍ ବିବାଦକୁ ନେଇ ବାଂଲାଦେଶ କ୍ରିକେଟ୍‌ରେ ଝଡ଼

**ଢାକା**

ଭାରତରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ମ୍ୟାଚ୍ ନଖେଳିବା ଜିଦ୍‌ରେ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) ଅଟଳ ଥିଲାବେଳେ ଏହାକୁ ନେଇ ଖୋଦ ବାଂଲାଦେଶ କ୍ରିକେଟ୍ ଦି ଫାଳ ହୋଇଛି। ଏହି ଦେଶର ବହୁ ପୂର୍ବତନ କ୍ରିକେଟର ଅଯଥା ଏଣୁ ତେଣୁ ନକହି ନିଜ ଗୋଡ଼ ନିଜେ ହାଣିବା ପରିବର୍ତ୍ତେ ପରିସ୍ଥିତିକୁ ବୁଝି ତଦନୁଯାୟୀ ନିଷ୍ପତ୍ତି ନେବାକୁ ବିସିବିକୁ ପରାମର୍ଶ ଦେଇଛନ୍ତି। ପୂର୍ବତନ ଓପନର ତମିମ ଇକବାଲ୍ ଆଉ ପାଦେ ଆଗକୁ ଯାଇ ଅଯଥା ବିସିସିଆଇ ସହ ନ ଲାଗିବାକୁ ନିଜ ଦେଶର କ୍ରିକେଟ୍ ବୋର୍ଡକୁ ଆହ୍ୱାନ କରିଛନ୍ତି। ଭାବନାରେ ଭାସିଯାଇ କୌଣସି ନିଷ୍ପତ୍ତି ନିଅନି।

ପରିସ୍ଥିତିକୁ ବୁଝି ଏବଂ କିଛି ବି କରିବା ପୂର୍ବରୁ ବାଂଲାଦେଶ କ୍ରିକେଟର ହିତକୁ ଅଗ୍ରାଧିକାର ଦିଅ। ଅକାରଣରେ ଆମ କ୍ରିକେଟ୍‌କୁ ବରବାଦ କରନି ବୋଲି ଏକ ସାକ୍ଷାତକାରରେ ସେ କହିଛନ୍ତି। ତେବେ ବିସିବିର ଜଣେ ଅଧିକାରୀ ଏଥିପାଇଁ ତାଙ୍କୁ ଭର୍ତ୍ସନା କରିଛନ୍ତି। ଏପରିକି ତମିମଙ୍କୁ ସେ ଭାରତର ଏଜେଣ୍ଟ୍ ଆଖ୍ୟା ଦେଇଛନ୍ତି। ଯାହାକୁ ତସ୍କିନ ଅହମଦ, ମୋମିନୁଲ ହକ୍ ଓ ତାଇଜୁଲ ଇସ୍‌ଲାସଙ୍କ ଭଳି



ପୂର୍ବତନ କ୍ରିକେଟର ତୀବ୍ର ସମାଲୋଚନା କରିଛନ୍ତି। ତମିମ ୧୬ବର୍ଷ ଧରି ବାଂଲାଦେଶ କ୍ରିକେଟ୍‌କୁ ସେବା ଦେଇଛନ୍ତି। ତାଙ୍କୁ ଏଭଳି କହି ସମଗ୍ର କ୍ରିକେଟ୍ ଜଗତକୁ ଅସମ୍ମାନ କରିନି ବୋଲି ସେମାନେ ବିସିବିକୁ ଆହ୍ୱାନ କରିଛନ୍ତି।

ବାଂଲାଦେଶର ଟେଷ୍ଟ୍ ଅଧିନାୟକ ନଜମୁଲ ହୁସେନ ସଣ୍ଟୋ ମଧ୍ୟ ବିସିବିର କଠୋର ଆଭିମୁଖ୍ୟକୁ ପସନ୍ଦ କରି ନାହାନ୍ତି। ଟ୍ୱେଣ୍ଟି-୨୦ ବିଶ୍ୱକପ୍ ନେଇ ସୃଷ୍ଟି ହୋଇଥିବା ବିବାଦ ତଥା ଗତିରୋଧ ଯୋଗୁ ସେମାନଙ୍କ ଖେଳ ପ୍ରଭାବିତ ହେଉଛି ବୋଲି ସ୍ୱୀକାର କରି ସେ କହିଛନ୍ତି, ସତ କହିବାକୁ ଗଲେ ଏହି ବିବାଦ ଆମ ଖେଳାଳିଙ୍କ ପାଇଁ ଅତିରିକ୍ତ ମାନସିକ ଚାପ ସୃଷ୍ଟି କରିଛି। ସବୁକିଛି ଠିକ୍ ଅଛି ବୋଲି କେବଳ ଆମେ ଅଭିନୟ କରୁଛୁ। ସେପଟେ ଏହି ମାମଲାରେ ଶନିବାର ବିସିସିଆଇ ମୁହଁ ଖୋଲିଛି। ବିଶ୍ୱକପ୍ ମ୍ୟାଚ୍‌ର ସ୍ଥାନ ଅଦଳ ବଦଳ କରିବା କାମ ଆଇସିସିର। ଆମେ ଏଥିସହ କୌଣସି ମତେ ଜଡ଼ିତ ନାହୁଁ। ଆଇସିସି ଯାହା ନିଷ୍ପତ୍ତି ନେବ ଆମେ ସବୁ ମାନିବୁ ବୋଲି ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କରିଛନ୍ତି।

ସୂଚନାଯୋଗ୍ୟ ଯେ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ହେଉଥିବା ନିରନ୍ତର ଆକ୍ରମଣ, ଲୁଣ୍ଠନ ଓ ହତ୍ୟା ପ୍ରତିବାଦରେ ବାଂଲାଦେଶ ଦ୍ରୁତ ବୋଲର ମୁସ୍ତାଫିଜୁର ରହମାନଙ୍କୁ ଦଳରୁ ବାଦ୍ ଦେବା ଲାଗି କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ବିସିସିଆଇ ନିର୍ଦ୍ଦେଶ ଦେଇଥିଲା। ମୁସ୍ତାଫିଜୁରଙ୍କୁ କେକେଆର ମଧ୍ୟ ନିଜ ଦଳରୁ ବିଦା କରି ଦେଇଥିଲା। ଏହା ପରେ ବାଂଲାଦେଶ କ୍ରିକେଟ୍ ବୋର୍ଡ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଲାଗି ଭାରତକୁ ଦଳ ପଠାଇବ ନାହିଁ ବୋଲି ଧମକ ଦେଇଥିଲା। ବିସିବି ମଧ୍ୟ ନିଜ ମ୍ୟାଚ୍‌ର ସ୍ଥାନ ବଦଳାଇବାକୁ ଆଇସିସିକୁ ପତ୍ର ଲେଖି ଦାବି କରିଥିଲା। ଆଇସିସି ତା'ର ଏହି ଦାବିକୁ କିନ୍ତୁ ଅନଔପଚାରିକ ଭାବେ ଅଗ୍ରାହ୍ୟ କରିଦେଇଥିଲା। ତେବେ ଏହି ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବିସିସିଆଇ ଦ୍ୱିତୀୟ ପତ୍ର ଲେଖିଛି। ଯାହାର କୌଣସି ଅନୁଷ୍ଠାନିକ ଉତ୍ତର ଏ ପର୍ଯ୍ୟନ୍ତ ରଖିନି ଆଇସିସି।

# ବାର୍ଷିକ କ୍ରୀଡା ମହୋତ୍ସବ ଓ ପୁରସ୍କାର ବିତରଣ

**ବ୍ୟାସନଗର : ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ବ୍ଲକ ହଳଦିଗଡିଆ ମଦନମୋହନ ସରକାରୀ ଉପ୍ରା ସ୍କୁଲ ଓ ଉଚ୍ଚ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ୨୦୨୫-୨୬ଶିକ୍ଷା ବର୍ଷର ବାର୍ଷିକ କ୍ରୀଡା ମହୋତ୍ସବ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଛି । ଉଚ୍ଚବିଦ୍ୟାଳୟପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କୋରେଇ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ସମ୍ମାନିତ ଅତିଥି ଏ ବିଇଓ ବିଜୟ କୁମାର ମଲ୍ଲିକ, ସ୍ଥାନୀୟ ସିଆରସିସି ଅନୀଲ କୁମାର ସେଠୀ, ସିଆରସିସି ସୁଶାନ୍ତ କୁମାର ଲେଙ୍କା ଓ କେଶବ ସେଠୀ, ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଜ୍ୟୋତି ରଞ୍ଜନ ମହାନ୍ତି ଓ ସାମ୍ବାଦିକ ଭୁବନ ମୋହନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ମଲ୍ଲିକ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଲାଗି ପାଠପଢ଼ା ସହିତ ଖେଳକୁଦର ଆବଶ୍ୟକତା ରହିଛି ବୋଲି କହିଥିଲେ ।ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିକୁଞ୍ଜ କିଶୋର ବାରିକ ଏହାକୁ ସଂଯୋଜନା କରିଥିବା ବେଳେ ଶିକ୍ଷକ ଦିବାକର ନାୟକ, ଶିକ୍ଷୟତ୍ରୀ ସସ୍ମିତା ମହାନ୍ତି, ଶିକ୍ଷକ ଲକ୍ଷ୍ମୀଧର ନାୟକ, ଭବାନୀ ଦାସ, ସୁଶାନ୍ତ ନନ୍ଦ, ସେଖଜିଆ ଉଦ୍ଦିନ, ସୁରେଶ ଚନ୍ଦ୍ରନାଥ, ଉମେଶ ବାରିକ ହିମାଂଶୁ ମୋହନ ମହାନ୍ତି ଓ ବନୋଜ ନାଥ ପ୍ରମୁଖ ଶିକ୍ଷକ/ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଇଜେଡ୍‌ଆଇୟୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଏଆଇୟୁ ୨୦୨୫-୨୬ର ପୂର୍ବ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତା (ପୁରୁଷ) ରେଭେନ୍ସା ବିଶ୍ୱବିଦ୍ୟାଳୟ ପଡ଼ିଆରେ ଉଦ୍ଘାଟିତ ହୋଇଥିଲା। ସୌରଜିତ ମହାପାତ୍ର, ଅଧ୍ୟକ୍ଷ ଚୟନ କମିଟି, ଓଡ଼ିଶା ସିନିୟର କ୍ରିକେଟ୍ ଦଳ (ଓସିଏ) ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଉଦଘାଟନ କରିଥିଲେ। ତାଙ୍କ ଭାଷଣରେ ସେ ଏପରି ଏକ ମେଗା ଇଭେଣ୍ଟ ଆୟୋଜନ ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ ଏବଂ ଖେଳାଳିମାନଙ୍କୁ ଶୃଙ୍ଖଳା ଏବଂ କ୍ରୀଡା ମନୋଭାବରେ ମ୍ୟାଚ୍ ଖେଳିବାକୁ ପରାମର୍ଶ ଦେଇଥିଲେ। ସେ ସମସ୍ତ ଖେଳାଳିଙ୍କ ପାଇଁ ଧ୍ୟାନ କେନ୍ଦ୍ରିତ କରିଥିଲେ 'ପ୍ରତ୍ୟେକ ବଲ୍ ଏକ ନୂତନ ବଲ୍, ପ୍ରତ୍ୟେକ ସୁଯୋଗ ନୂତନ ସୁଯୋଗ ଏବଂ ପ୍ରତ୍ୟେକ ଦିନ ସମସ୍ତ ଖେଳାଳିଙ୍କ ପାଇଁ ଏକ ନୂତନ ଏବଂ ସତେଜ ଦିନ' ଏବଂ ସେମାନଙ୍କୁ ଉଚ୍ଚସ୍ତରୀୟ ଦକ୍ଷତା ପ୍ରଦର୍ଶନ କରିବାକୁ ଜୋର ଦେଇଥିଲେ। ପ୍ରଫେସର




ଧର୍ମବ୍ରତ ମହାପାତ୍ର, ଆୟୋଜକ କମିଟିର ଅଧ୍ୟକ୍ଷ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି (ସ୍ୱାଧୀନ ଦାୟିତ୍ୱ) ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀ କାହ୍ନୁ ଚରଣ ମଲିକ ସମସ୍ତ ଅଂଶଗ୍ରହଣକାରୀ ଏବଂ ଆୟୋଜକଙ୍କୁ ସ୍ୱାଗତ କରିଥିଲେ। ଡକ୍ଟର ଅଞ୍ଜନ କୁମାର ଖୁଣ୍ଟିଆ, ସଚିବ, ଆୟୋଜକ କମିଟି ଅତିଥି, ଅଂଶଗ୍ରହଣକାରୀ ଦଳମାନଙ୍କୁ ପରିଚୟ କରାଇଥିଲେ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଇଭେଣ୍ଟରେ ୭୪ଟି ବିଶ୍ୱବିଦ୍ୟାଳୟ କ୍ରିକେଟ ଦଳ ଅଂଶଗ୍ରହଣ କରୁଛନ୍ତି। ମ୍ୟାଚ୍ ନକ୍ ଆଉଟ୍ - କମ୍ - ଲିଗ୍ ଭିତ୍ତିରେ ୨୦ ଓଭର ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ ୨୨.୦୧.୨୦୨୬ ପର୍ଯ୍ୟନ୍ତ ବିଭିନ୍ନ କ୍ରିକେଟ ପଡ଼ିଆରେ ଚାଲିବ ଏବଂ ସମସ୍ତ ମ୍ୟାଚ୍ ଓସିଏ ପ୍ୟାନେଲ୍ ଅମ୍ପାୟାର ଏବଂ ସ୍କୋରରଙ୍କ ଦ୍ୱାରା ପରିଚାଳିତ ହେବ। ଏହି ଉଦଘାଟନୀ ଉତ୍ସବରେ କ୍ରୀଡା ପରିଷଦର ସଦସ୍ୟ ଡକ୍ଟର ମନୋଜ କୁମାର ଦାସ, ଡକ୍ଟର ଜଜ୍ଞସେନୀ ରାଉତ, ଡକ୍ଟର ସତ୍ୟବ୍ରତ ବେହେରା, କଳିଙ୍ଗ କୁମାର ଦାସ (କ୍ରିକେଟ ପ୍ରଶିକ୍ଷକ), ମାନସ ପ୍ରସାଦ ରାଉତ, ପ୍ରସାଦ ପ୍ରଧାନ ଏବଂ ବିମଳ କୁମାର ରାୟ ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ।

## ବରଗଡ଼ ଟାଇକୋଣ୍ଡୋ ସଂଘର କଲର ବେଲ୍ଟ ପ୍ରମୋସନ ଟେଷ୍ଟ

**ବରଗଡ, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପ୍ରାଙ୍ଗଣରେ ବରଗଡ଼ ଜିଲ୍ଲା ଟାଇକୋଣ୍ଡୋ ସଂଘ ଓ ବିଜୟ ଟାଇକୋଣ୍ଡୋ ଆନୁକୂଲ୍ୟରେ ୧୪ ତମ କଲର ପ୍ରମୋସନ ବେଲ୍ଟ ଟେଷ୍ଟ ଅନୁଷ୍ଠିତ ହୋଇଯାଇଅଛି ।

ଏହି ବେଲ୍ଟ ପ୍ରମୋସନ ଟେଷ୍ଟରେ ପ୍ରାୟ ସତୁରୀରୁ ଉର୍ଦ୍ଧ୍ୱ ବାଳକ ବାଳିକା ଅଂଶଗ୍ରହଣ କରିଥିଲେ ।

ଏହି ବେଲ୍ଟ ପ୍ରମୋସନ ଟେଷ୍ଟକୁ ସଂଘର ଜିଲ୍ଲା ସଭାପତି ନବକିଶୋର ପାଣିଗ୍ରାହୀ ଓ ସମ୍ପାଦକ ତଥା ମୁଖ୍ୟ କୋଚ୍ ବିଜୟ କୁମାର ଭୋଇ ଉଦଘାଟନ କରିଥିଲେ ।

ଏହି ବେଲ୍ଟ ଟେଷ୍ଟରେ ତିନି ଜଣ ଛାତ୍ରଛାତ୍ରୀ ଯଥା ଅନନ୍ୟା ଦାସ, ଓଁଶ୍ରୀତା ରଥ ଏବଂ ଶାନ୍ତନୁ ମଲ୍ଲିକ ବ୍ଲେକ ବେଲ୍ଟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ବେଲ୍ଟ ପ୍ରମୋସନ ଟେଷ୍ଟ ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସଂଘ ସଭାପତି ପାଣିଗ୍ରାହୀ, କୋଚ୍ ବିଜୟ କୁମାର ଭୋଇ ଶୁଭେଚ୍ଛା ଜଣାଇଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଆଶୁତୋଷ ରଥ ଓ ସଦସ୍ୟା ଶ୍ରୀୟା ମିଶ୍ର , ନରେଶ ଠାକୁର ପ୍ରମୋସନ ରେ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବା ସହ ଶୁଭେଚ୍ଛା ଜଣାଇଥିଲେ । ଶେଷରେ କାର୍ଯ୍ୟକ୍ରମକୁ ସଫଳ କରି ସହଯୋଗ କରିଥିବାରୁ ଶ୍ରୀ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସବ୍ୟସାଚୀ ଦୀନେଶ ମେମୋରିଆଲ ଗିନି କପ୍ କ୍ରିକେଟ

# ଫାଇନାଲରେ ସୋଲାର କ୍ଲବ କଟକ ବନାମ୍ ଜେସିଏ, ଭୁବନେଶ୍ୱର

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଆନୁକୁଲ୍ୟ ରେ ଚାଲିଥିବା ସବ୍ୟସାଚୀ-ଦୀନେଶ ମେମୋରିଆଲ୍ ଗିନିକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସୋଲାର କ୍ଲବ, ଆଲଫା ବ୍ରହ୍ମପୁରକୁ ୪୨ରନ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି। ଆଲଫା ଦଳ ଟସ୍ ଜିଣି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲେ। ସୋଲାର କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୭୦ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ପୁରୁଷୋତ୍ତମ ପ୍ରଧାନ ୧୭ ଟି ବଲ୍‌ରୁ ସର୍ବାଧିକ ୪୬ ରନ୍ ଓ ଜାମଳା ମହାପାତ୍ର ୨୯ ରନ୍ ସଂଗ୍ରହ କରିଥିଲେ। ଆଲଫା ଦଳ ପକ୍ଷରୁ ବିଶ୍ୱଜିତ୍ ମଲ୍ଲିକ ୩ଟି ୱିକେଟ ଏବଂ ଟୁକୁନା ସାହୁ ୨ଟି ୱିକେଟ ଅକ୍ତିଆର କରିଥିଲେ। ପ୍ରତ୍ୟୁତ୍ତର ଆଲଫା ଦଳ ୧୬ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ ହରାଇ ୧୨୮ ରନ୍‌ରେ ସୀମିତ ରହିଥିଲେ। ଦଳ ପକ୍ଷରୁ ସନ୍ତୋଷ ପାତ୍ର ସର୍ବାଧିକ ୨୯ ରନ୍




କରିଥିଲେ। ସୋଲାର କ୍ଲବ୍ ପକ୍ଷରୁ ଜାମଳା ମହାପାତ୍ର ଓ ମନୀଷ ରାଉତ ୩ ଲେଖାଁଏ ୱିକେଟ ଅକ୍ତିଆର କରିଥିଲେ। ଅମ୍ରିତା ବିଦ୍ୟାଳୟମ୍ ତରଫରୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ସୋଲାର କ୍ଲବ୍‌ର ଜାମଳା ମହାପାତ୍ରଙ୍କୁ ଅତିଥି ପ୍ରକାଶ ସାମନ୍ତରାୟ ଏବଂ ସୌର୍ଯ୍ୟ ରଞ୍ଜନ ମହାନ୍ତି ୩୦୦୦/- ଟଙ୍କାର ଅର୍ଥ ରାଶି ପୁରସ୍କୃତ କରିଥିଲେ। ଭାଷ୍ୟକାର ଅବ୍ୟକ୍ତ ହରିହର ଖାଡ଼ଙ୍ଗା ମଞ୍ଚ ପରିଚାଳନା କରିଥିଲେ। ଏହି ମ୍ୟାଚ୍‌ରେ ଅମ୍ପାୟାର ଭାବେ ଶରତ ଚନ୍ଦ୍ର ସାହୁ ଏବଂ ଅଭିନନ୍ଦନ ପାତ୍ର ପରିଚାଳନା କରିଥିବା ବେଳେ ଜନ୍ମେଜୟ ଓ ରବିନାରାୟଣ ପରିଡା ସ୍କୋରର ଭାବେ କାର୍ଯ୍ୟ କରିଥିଲେ। ଆସୋସିଏସନରର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, କୋଷାଧ୍ୟକ୍ଷ ତନ୍ମୟ ବୋଷ, ସୁରେଶ ଭୂଷଣ ପଟ୍ଟନାୟକ, ଦେବୀଶଙ୍କର ପଣ୍ଡା, ବିଜ୍ଞାନ ସୁନ୍ଦରାୟ, ସୌମେନ୍ଦ୍ର ଦାସ, ଶଶିକାନ୍ତ ଦାସ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହାୟତା କରିଥିଲେ। ରବିବାର ଫାଇନାଲରେ ସୋଲାର, କ୍ଲବ କଟକ ବନାମ ଜେ.ସି.ଏ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

# ମାର୍ଚ୍ଚ ମାସ ଶେଷ ସୁଦ୍ଧା ନୂଆ ରାଜନୈତିକ ଦଳ : ମହମ୍ମଦ ମୋକିମ୍

**କଟକ, ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ମାର୍ଚ୍ଚ ଶେଷ ସୁଦ୍ଧା ନୂଆ ରାଜନୈତିକ ଦଳ ଗଠିତ ହେବ। ଏଇ ୧୨ ତାରିଖରେ ଏହାର ମୂଳଦୁଆ ପଡ଼ିବ। ଶନିବାର ଏନେଇ ସୂଚନା ଦେଇଛନ୍ତି କଂଗ୍ରେସ ନେତା ମହମ୍ମଦ ମୋକିମ୍। ସେ ଆହୁରି କହିଛନ୍ତି, ଭୁବନେଶ୍ୱରରେ ୧୨ ତାରିଖରେ ଯୁବ ସମାବେଶ ହେବ। ଏଥିରେ ଉପକୂଳ ଓଡ଼ିଶାର ବହୁ ଯୁବନେତା ସାମିଲ ହେବେ। ସେଥିରେ ଓଡ଼ିଶାର ଭବିଷ୍ୟତ ନେଇ ଆଲୋଚନା ହେବ। ପରେ ମହିଳା ଓ ଚାଷୀ ସମବେଶ ହେବ। ନୂଆ ରାଜନୈତିକ ସମୀକରଣ ପାଇଁ ଆଲୋଚନା ଚାଲିଛି ଓ ବିଭିନ୍ନ ଲୋକଙ୍କ ପରାମର୍ଶ ଲୋଡ଼ାଯାଉଛି।



ଏବେ ୧୨ ତାରିଖର ସମାବେଶ ଉପରେ ରହିଛି ଅନେକଙ୍କ ନଜର। ତେବେ ସେ ଜଣେ ରାଜ୍ୟସ୍ତରୀୟ ନେତା ହୋଇନଥିବା ହେତୁ ନୂଆ ରାଜନୈତିକ ଦଳ କେତେ ସଫଳ ହେବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ନୂଆ ଦଳର ନାମ ଏଯାବତ୍ ଘୋଷଣା କରାଯାଇନଥିଲେ ବି 'ଲୋକ କଂଗ୍ରେସ' ରଖାଯିବ ବୋଲି ଚର୍ଚ୍ଚା ହେଉଛି। ରାଜ୍ୟସଭା ସାଂସଦ ତଥା କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ କଟକ-ବାରବାଟୀରୁ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଚିଠି ଲେଖିବା ପରେ ମୋକିମଙ୍କୁ ଦଳରୁ ବିଦା କରାଯାଇଥିଲା। ଏହି ଚିଠିରେ ସେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱ ନେଇ ପରୋକ୍ଷରେ ପ୍ରଶ୍ନ ଉଠାଇଥିଲେ। ଏଥି ସହିତ ଦଳର ନେତୃତ୍ୱର ନବୀକରଣ କରାଯାଉ ବୋଲି ଦାବି କରିଥିଲେ। ଓଡ଼ିଶା କଂଗ୍ରେସର ପୁନରୁଦ୍ଧାର ଓ ପୁନର୍ଜୀବିତ କରାଗଲେ ଭବିଷ୍ୟତ ମଜବୁତ ହେବ ବୋଲି ମଧ୍ୟ କହିଥିଲେ। ବରିଷ୍ଠ ନେତା କହିଥିଲେ, ଦୀର୍ଘ ଦିନ ହେଲା ଭାରତୀୟ ଜାତୀୟ କଂଗ୍ରେସ ପାଇଁ କାମ କରୁଛି। କଂଗ୍ରେସ ସହିତ ମୋର ପରିବାର କାମ କରିବା ନୂଆ କଥା ନୁହେଁ। ମୋର ଜେଜେବାପାଙ୍କର ବାପା ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ, ଯିଏକି ସ୍ୱାଧୀନତା ସଂଗ୍ରାମର କଷ୍ଟ ଜାଣିଥିଲେ। ମୋର ବଡ଼ ଭାଇ ଯିଏ କି ୪୨ ବର୍ଷ ବୟସରେ ପରଲୋକ ଗମନ କରିଥିଲେ, ସେ ମଧ୍ୟ ତାଙ୍କ ଜୀବନକୁ କଂଗ୍ରେସ ସହିତ ଯୋଡ଼ିଥିଲେ। ଶେଷ ନିଃଶ୍ୱାସ ନେବା ଯାଏଁ କଂଗ୍ରେସ ପାଇଁ କାମ କରିଥିଲେ।

## ଆଜିଠୁ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ

# ଯୋଗଦେବେ ଦେଶ ବିଦେଶର ୧୭୦୦ରୁ ଉର୍ଦ୍ଧ୍ୱ ବୌଦ୍ଧ ସନ୍ୟାସୀ

**ଯାଜପୁର**
**ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳଙ୍କ ଉପସ୍ଥିତିରେ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ବୌଦ୍ଧ ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ନିମନ୍ତେ ପ୍ରସ୍ତୁତି ପର୍ବର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପୂର୍ବ ବୈଠକରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା କାର୍ଯ୍ୟର ସ୍ଥିତି ଓ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଆସନ୍ତା ଜାନୁଆରୀ ୧୧ ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ବୌଦ୍ଧ ସମ୍ମିଳନୀରେ ଦେଶ ବିଦେଶରୁ ୧୭୦୦ରୁ ଉର୍ଦ୍ଧ୍ୱ ବୌଦ୍ଧ



ସନ୍ନ୍ୟାସୀ, ଧର୍ମାବଲମ୍ବୀମାନେ ଯୋଗ ଦେବା ସହ ଉଦୟଗିରି, ରତ୍ନଗିରି, ଲଳିତଗିରି ଆଦି ବୌଦ୍ଧ କୀର୍ତ୍ତିରାଜିମାନ ପରିଦର୍ଶନ କରିବେ। ଏହା ସହିତ ଆସୁଥିବା ପର୍ଯ୍ୟଟକମାନଙ୍କ ରହଣି, ସମ୍ମିଳନୀ ସ୍ଥଳ, ସିସିଟିଭି କ୍ୟାମେରା ଲଗେଇବା, ଟ୍ରାଫିକ ନିୟନ୍ତ୍ରଣ, ରାସ୍ତାଗୁଡ଼ିକ ଆଲୋକୀକରଣ, ପରିମଳ ଓ ସ୍ୱଚ୍ଛତା ବଜାୟ ରଖିବା, ନିଶା ଦ୍ରବ୍ୟ ବିକ୍ରି ଓ ସେବନ ଉପରେ କଟକଣା, ଭାରୀଯାନ ଯାତାୟାତ ଉପରେ ପ୍ରତିବନ୍ଧକ ଲଗେଇବା ନେଇ ବିଭାଗୀୟ ଅଧିକାରୀ ଓ କାର୍ଯ୍ୟକାରୀ ସଂସ୍ଥାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉଦୟଗିରି ସ୍ଥିତ ମଝିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ପୋଲିସ ବିଭାଗର ବରିଷ୍ଠ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଅଧିକାରୀ, ଗୋପାଳପୁର ପଞ୍ଚାୟତର ସରପଞ୍ଚ, ସ୍ଥାନୀୟ ବୌଦ୍ଧ ମହୋତ୍ସବ ସମିତିର କର୍ମକର୍ତ୍ତା ଏବଂ ବହୁ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

## ୪୪ତମ ଜୁନିଅର ଜାତୀୟ ଚାମ୍ପିଅନସିପ୍‌ରେ

# ଓଡ଼ିଶା ଏଏମ୍/ଏନଏସ୍ ଇଣ୍ଡିଆ ଖୋଖୋ ଏଚ୍‌ପିସି ଆଥଲେଟମାନଙ୍କ ଦମଦାର ପ୍ରଦର୍ଶନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବେଙ୍ଗାଲୁରୁରଗୁଞ୍ଜୁର ସ୍ଥିତ ଅଟଳ ବିହାରୀ ବାଜପେୟୀ ଷ୍ଟାଡିୟମଠାରେ ଡିସେମ୍ବର ୩୧, ୨୦୨୫ ରୁ ଜାନୁଆରୀ ୪, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ୪୪ତମ ଜୁନିୟର ଜାତୀୟ ଖୋ-ଖୋଚାମ୍ପିୟନସିପ୍ ୨୦୨୫-୨୬ରେ ଓଡ଼ିଶା ଏଏମ୍/ଏଏସ୍ ଇଣ୍ଡିଆ ଖୋ-ଖୋ ହାଇ ପରଫରମାନ୍ସ ସେଣ୍ଟର (ଏଚପିସି)ର ଆଥଲେଟ୍‌ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଓଡ଼ିଶାଏଏମ୍/ଏଏସ୍‌ଇଣ୍ଡିଆ ଖୋ-ଖୋ ଏଚପିସିର ମୋଟ ୧୬ ଜଣ ଆଥଲେଟ୍ ବିଭିନ୍ନ ରାଜ୍ୟରଟିମ ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶା ବାଳିକା ଦଳରୁ ୭ ଜଣ, ଓଡ଼ିଶା ବାଳକ ଦଳରୁ ୬ ଜଣ, କୋହ୍ଲାପୁର ବାଳକ ଦଳରୁ ୨ ଜଣ ଏବଂ ଆନ୍ଧ୍ରପ୍ରଦେଶ ବାଳିକା ଦଳରୁ ଜଣେ ଆଥଲେଟ୍ ଅନ୍ତର୍ଭୁକ୍ତ ଥିଲେ, ଯାହା ଉଚ୍ଚକୋଟୀର କ୍ରୀଡ଼ାବିତ୍ ପ୍ରସ୍ତୁତ କରିବାରେ ଏହି କେନ୍ଦ୍ରର ବଢୁଥିବା ପ୍ରଭାବକୁ ଦର୍ଶାଉଛି। କଠିନ ରାଜ୍ୟସ୍ତରୀୟ ଚୟନ ପ୍ରକ୍ରିୟା ଏବଂ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ପରେ ଏହି ଆଥଲେଟ୍‌ମାନେ ମନୋନୀତ ହୋଇଥିଲେ। ବିଶେଷ କରି ଓଡ଼ିଶା ଦଳର ପ୍ରଶିକ୍ଷଣ ଶିବିର ପୁରୀ ସ୍ଥିତଏଚପିସିଠାରେ ଅଭିଜ୍ଞ କୋଚ୍ ଏବଂ କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

'ଏହି ଚାମ୍ପିୟନସିପ୍‌ର ସବୁଠାରୁ




ଆକର୍ଷଣୀୟ କେନ୍ଦ୍ର ଥିଲା ଓଡ଼ିଶା ବାଳିକା ଦଳର ରନର୍ସ-ଅପ୍ ସଫଳତା, ଯେଉଁଥିରେ ଏଚପିସିର ସାତ ଜଣ ଆଥଲେଟ୍ ଦଳ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ରୋମାଞ୍ଚକର ଯାତ୍ରା ମହାରାଷ୍ଟ୍ର ବିପକ୍ଷରେ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ୍ ମ୍ୟାଚ୍ ସହ ଶେଷ ହୋଇଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍‌ଟି ଟାଇ ହୋଇଥିବା ବେଳେ, ଟାଇ-ବ୍ରେକରରେଓଡ଼ିଶା ୩୪-୩୩ ସ୍କୋରରେ ଅଳ୍ପକେ ଟାଇଟଲ୍‌ରୁ ବଞ୍ଚିତ ହୋଇଥିଲା। ଦଳର ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଅର୍ଚ୍ଚନା ପ୍ରଧାନ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଚମତ୍କାରଖେଳ ପ୍ରଦର୍ଶନ କରି ସମ୍ମାନଜନକ 'ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଡିଫେଣ୍ଡରଖେଳାଳି' ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ତାଙ୍କ ସହ ଲିସାରାଣୀ ରାଇତା, ଶୁଭଶ୍ରୀ ମଲ୍ଲିକ୍, କେ. ରମ୍ୟା, ଆଶିକାକୁଜୁର, ରକ୍ତିମା ଭାଣ୍ଡା ଏବଂ ଚିନ୍ମୟୀ ପ୍ରଧାନ ଅସାଧାରଣ ଧୈର୍ଯ୍ୟ ଓ ଦକ୍ଷତା ପ୍ରଦର୍ଶନ କରିଥିଲେ, ଯାହାନିକଟ ଅତୀତରେ ଓଡ଼ିଶାର ଅନ୍ୟତମ ସ୍ମରଣୀୟ ସଫଳତା।'

ଏଚପିସିରର ପ୍ରଭାବ କେବଳ ଓଡ଼ିଶା ମଧ୍ୟରେ ସୀମିତ ନଥିଲା। ଆଥଲେଟ୍ ଶରଦଘାଟଗେ ଏବଂ ଉଦୟ ପଦଲକର ବାଳକ ବର୍ଗରେ କୋହ୍ଲାପୁର ଦଳକୁ ତୃତୀୟ ସ୍ଥାନରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ, ଯାହା ଏହି କେନ୍ଦ୍ରରେ ତାଲିମ ପ୍ରାପ୍ତ ଖେଳାଳିଙ୍କ ଦକ୍ଷତା ଏବଂ ପ୍ରସ୍ତୁତିକୁ ପ୍ରମାଣିତ କରିଛି। ସେମାନଙ୍କର ଏହି ସଫଳତା ସହିତ ସହାୟକ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ମଧ୍ୟ ଯୋଡ଼ି ହୋଇ ରହିଥିଲା। ସହକାରୀ ପ୍ରଶିକ୍ଷକ କିଞ୍ଜଲ ବାଘେଲା, ଫିଜିଓଥେରାପିଷ୍ଟ ଡାକ୍ତର ମେଘନା ସ୍ୱାଇଁ ଓ ଡାକ୍ତର ନୟନ ବେହେରା ଏବଂ ସ୍ପୋର୍ଟସ ମସାଜ ଥେରାପିଷ୍ଟ ସରୋଜ କୁମାର ସାହୁ ଓଡ଼ିଶା ଦଳ ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରିଥିଲେ। ଏହି କଠିନ ଟୁର୍ଣ୍ଣାମେଣ୍ଟ ସମୟରେ ଖେଳାଳିଙ୍କ ଶ୍ରେଷ୍ଠ ପ୍ରଦର୍ଶନ, ସୁସ୍ଥତା ଏବଂ ଆଘାତ ଜନିତ ଯନ୍ତ୍ରଣାର ଚିକିତ୍ସା ସୁନିଶ୍ଚିତ କରିବାରେ ସେମାନଙ୍କର ପ୍ରମୁଖ ଅବଦାନ ରହିଛି।

ଏହି ସାମୂହିକ ସଫଳତା ଉପରେ ନିଜର ପ୍ରତିକ୍ରିୟା ରଖି ଓଡ଼ିଶା ଏଏମ୍/ଏଏସ୍ ଇଣ୍ଡିଆ ଖୋ-ଖୋଏଚପିସିର ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା କହିଛନ୍ତି, "ଆମର ଆଥଲେଟ୍‌ମାନେ ବିଭିନ୍ନ ରାଜ୍ୟ ପକ୍ଷରୁ ପ୍ରତିଯୋଗିତା କରିବା, ଓଡ଼ିଶା ଦଳ ରନର୍ସ-ଅପ୍ ହେବା ଏବଂ ଅର୍ଚ୍ଚନା ଶ୍ରେଷ୍ଠ ଡିଫେଣ୍ଡର ଭାବେ ସମ୍ମାନିତ ହେବା – ଏହି ସମସ୍ତ ସଫଳତା ଆମ 'ହାଇ ପରଫରମାନ୍ସ ସେଣ୍ଟର'ର ମାନ ଓ ଦକ୍ଷତାକୁ ଦର୍ଶାଉଛି। ବୈଷୟିକ ଭାବେ ସୁଦୃଢ଼, ମାନସିକ ସ୍ତରରେ ଶକ୍ତିଶାଳୀ ଏବଂ ଜାତୀୟ ସ୍ତରରେ ପ୍ରତିଯୋଗିତା କରିବା ଭଳି ଖୋ-ଖୋ ଆଥଲେଟ୍ ପ୍ରସ୍ତୁତ କରିବାର ଯେଉଁ ଦୀର୍ଘକାଳୀନ ଲକ୍ଷ୍ୟ ଆମେ ରଖିଛୁ, ଏହି ସଫଳତା ତାହାକୁ ପ୍ରମାଣିତ କରୁଛି।"

୪୪ତମ ଜୁନିୟର ଜାତୀୟ ଖୋ-ଖୋ ଚାମ୍ପିୟନ ସିପ୍, ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ-ଖୋ ଏଚପିସିର 'ଶ୍ରେଷ୍ଠତା କେନ୍ଦ୍ର' ଭାବେ ଥିବା ସୁନାମକୁ ଆହୁରି ଦୃଢ଼ କରିଛି। ଏଠାକାର ସୁସଂଗଠିତ ପ୍ରଶିକ୍ଷଣ, ସାମଗ୍ରିକ ସହାୟତା ଏବଂ ଉଚ୍ଚ-ପ୍ରଦର୍ଶନକାରୀ ସଂସ୍କୃତି କ୍ରମାଗତ ଭାବେ ଏଭଳି ଆଥଲେଟ୍‌ମାନଙ୍କୁ ଗଢ଼ିବାରେ ଲାଗିଛି, ଯେଉଁମାନେ ଜାତୀୟ ସ୍ତରରେ ଉତ୍କର୍ଷତା ପ୍ରଦର୍ଶନ କରୁ ନାହାନ୍ତି ବରଂ ଭାରତୀୟ ଖୋ-ଖୋର ଭବିଷ୍ୟତକୁ ସୁଦୃଢ଼ କରୁଛି।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୧ ଜାନୁଆରୀ ୨୦୨୬ ରବିବାର





## ବିଶ୍ୱ ହିନ୍ଦୀ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱ ହିନ୍ଦୀ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ ହିନ୍ଦୀ ଦିବସ ଅବସରରେ ଶୁଭକାମନା ।

ସେହିପରି ବିଶ୍ୱ ହିନ୍ଦୀ ଦିବସର ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ସମଗ୍ର ଦୁନିଆରେ ହିନ୍ଦୀ ଭାଷାର ସମ୍ମାନ, ସଂରକ୍ଷଣ ଏବଂ ପ୍ରଚାର ଉଦ୍ଦେଶ୍ୟରେ ପାଳନ କରାଯାଉଥିବା ବିଶ୍ୱ ହିନ୍ଦୀ ଦିବସର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା । ବିଶ୍ୱ ହିନ୍ଦୀ ଦିବସର ଶୁଭେଚ୍ଛା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ । ଏନେଇ ସୋସିଆଲ ମିଡିଆ ଏକ୍ସରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ ହିନ୍ଦୀ ଦିବସର ହାର୍ଦ୍ଦିକ ଶୁଭକାମନା । ହିନ୍ଦୀ ଆମ ସଂସ୍କୃତି, ସଂବେଦନା ଓ ସ୍ୱାଭିମାନର ପରିଚୟ ଅଟେ । ଆସନ୍ତୁ ଏହାକୁ ଆଗକୁ ବଢାଇବା ଏବଂ ବିଶ୍ୱ ପଟଳରେ ଗୌରବାନିତ୍ୱ କରିବା ।

### ରାଜ୍ୟ ସରକାରଙ୍କୁ ଜବାବ ତଲବ କଲେ ହାଇକୋର୍ଟ

## ବିନା ପ୍ରଦୂଷଣ ଯାଞ୍ଚରେ ଟୋଲ୍ ଗେଟ୍‌ରେ କେମିତି କଟିଲା ଫାଇନ୍

**କଟକ, ନ୍ୟୁଜ ବ୍ୟୁରୋ**



ବିନା ପ୍ରଦୂଷଣ ଯାଞ୍ଚରେ ଟୋଲ୍ ଗେଟ୍‌ରେ ଚାଲାଣ କଟାଯିବା ପ୍ରସଙ୍ଗରେ ହାଇକୋର୍ଟ ନୋଟିସ ଜାରି କରିଛନ୍ତି । ପ୍ରଦୂଷଣ ସାର୍ଟିଫିକେଟର ବୈଧତା ଶେଷ ହୋଇଥିଲେ ମଧ ବିନା ନୋଟିସରେ ଚାଲାଣ କଟାଯିବା ପ୍ରସଙ୍ଗରେ ହାଇକୋର୍ଟ, ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି । ପରିବହନ ସଚିବ ଏବଂ ପରିବହନ କମିଶନରଙ୍କୁ ୧୫ ଦିନ ମଧ୍ୟରେ ଏହି ପ୍ରସଙ୍ଗରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଡକ୍ଟର କୀର୍ତ୍ତିଧାରା ଦାସଙ୍କ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ଏହି ନୋଟିସ୍ ଜାରି କରିଛନ୍ତି । ଆବେଦନକାରୀ ପିପିଲି ଟୋଲ୍ ଗେଟ୍ ଅତିକ୍ରମ କରିବା ସମୟରେ ତାଙ୍କ ପିୟୁସିସିର ବୈଧତା ନଥିବା ଅଭିଯୋଗରେ ୧୦ ହଜାର ଟଙ୍କାର ଚାଲାଣ କଟିଥିଲା । ମୋଟର ଯାନ ଆଇନ ଅନୁଯାୟୀ ପିୟୁସିସି ର ବୈଧତା ନଥିଲେ ସମ୍ପୃକ୍ତ ଗାଡି ମାଲିକଙ୍କୁ ବିଭାଗ ପକ୍ଷରୁ ନୋଟିସ୍ ପଠାଇ ପ୍ରଦୂଷଣ ଯାଞ୍ଚ କରାଇବା ପାଇଁ କୁହାଯିବାର ବ୍ୟବସ୍ଥା ରହିଛି । ଏପରିକି ଯାଞ୍ଚ ସମୟରେ ସମ୍ପୃକ୍ତ ଯାନଟି ପ୍ରଦୂଷଣ ଯୁକ୍ତ ହୋଇଥିଲେ ଚାଲାଣ କଟା ଯାଇପାରିବ ବୋଲି ଆବେଦନାକାରୀଙ୍କ ପକ୍ଷରୁ କୁହାଯାଇଛି । ତେବେ ବିନା ନୋଟିସ ଏବଂ ବିନା ଯାଞ୍ଚରେ ଚାଲାଣ କଟାଯିବା ମୋଟର ଯାନ ଆଇନର ଉଲ୍ଲଙ୍ଘନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଯାହାକୁ ନେଇ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ, ଏନେଇ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି । ଏହା ପୂର୍ବରୁ ମଧ କାଠଗଡାରେ ପହଞ୍ଚିଥିଲା ଚଟଉ ସାର୍ଟିଫିକେଟ୍ ନଥିଲେ ତେଲ ନମିଳିବା ପ୍ରସଙ୍ଗ । ବୈଧ ପ୍ରଦୂଷଣ ପ୍ରମାଣପତ୍ର ସମ୍ପର୍କିତ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଏବଂ ଜଷ୍ଟିସ୍ ରମଣ ଗତ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରି ରାଜ୍ୟ ସରକାର ଏବଂ ପରିବହନ କମିଶନରଙ୍କୁ ନୋଟିସ୍ ଜାରି କରିଥିଲେ । ଗାଡି ନାଁରେ ଚାଲାଣ ଥିଲେ ପ୍ରଦୂଷଣ ସାର୍ଟିଫିକଟ ନ ମିଳିବା ପ୍ରସଙ୍ଗରେ ସ୍ପଷ୍ଟୀକରଣ ଲୋଡିଥିଲେ ହାଇକୋର୍ଟ । ଏସଂକ୍ରାନ୍ତରେ ଦୁଇ ସପ୍ତାହ ମଧ୍ୟରେ ସ୍ପଷ୍ଟୀକରଣ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସତ୍ୟପାଠ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତିନି ସପ୍ତାହ ମଧ୍ୟରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଚଟଉ ସାର୍ଟିଫିକେଟ୍ ନିର୍ଦ୍ଦେଶନାମାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ଆବେଦନକାରୀ ସ୍ନିଗ୍ଧା ପାତ୍ରଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ । ମୋଟର ଯାନ ଆଇନ, ୧୯୮୮ ଓ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ, ୧୯୮୯ ଉଲଂଘନ କରି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ହାଇକୋର୍ଟରେ ଜନସ୍ୱାର୍ଥ ମମାଲା ରୁଜୁ କରାଯାଇଥିଲା ।

## ପ୍ରଦର୍ଶନୀ ପଡ଼ିଆରେ ଉଦ୍‌ଘାଟିତ ହେଲା ଶିଶିର ସରସ ମେଳା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଶନିବାରଠୁ ରାଜଧାନୀରେ ଆରମ୍ଭ ହୋଇଛି 'ଶିଶିର ସରସ-୨୦୨୬' ମେଳା । ୧୮ ଜାନୁଆରୀ ପର୍ଯ୍ୟନ୍ତ ଚାଲିବ ଏହି ମେଳା । ଏହି ମେଳାରେ ୩୪୦ଟି ବିକ୍ରୟ ଷ୍ଟଲ୍ ସହ ଦେଶର ୨୦ଟି ରାଜ୍ୟର କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଂଶଗ୍ରହଣ କରିଛନ୍ତି । ବିବିଧ ହସ୍ତଶିଳ୍ପ, ସାଂସ୍କୃତିକ ସନ୍ଧ୍ୟା ଓ ପ୍ରାୟ ୩୦ କୋଟି ଟଙ୍କାର ବ୍ୟବସାୟ ଲକ୍ଷ୍ୟ ସହ ଏହି ମେଗା ମେଳା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି । ଏହି ମେଳା ଲୋକଙ୍କୁ କିଭଳି ଆକର୍ଷଣ କରିବ ସେଥିପାଇଁ ହାଉସିଂ ବୋର୍ଡରୁ ରାମ ମନ୍ଦିର ଛକ ରାସ୍ତା ସଜେଇ ହୋଇଛି । ରାସ୍ତା ଉପର ଜାଗାଯାଇଛି ରଙ୍ଗବେରଙ୍ଗ ଦୁଇ ପଟରେ ଥିବା ଗଛରେ ଲଗାଯାଇଛି ରଙ୍ଗବେରଙ୍ଗର ଲାଇଟ୍ । ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଉକ୍ତ ପ୍ରଦର୍ଶନୀ ପଡ଼ିଆ ପରିଦର୍ଶନ କରି ମେଳା ପ୍ରସ୍ତୁତିର ସମୀକ୍ଷା କରିଥିଲେ । ମେଳା ପରିସରରେ ଷ୍ଟଲ ସ୍ଥାପନ, ଆଲୋକ ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସ୍ୱଚ୍ଛତା, ପାନୀୟ ଜଳ ଓ ସୁରକ୍ଷା ବ୍ୟବସ୍ଥା, ସହ ପରିଦର୍ଶକମାନଙ୍କ ସୁବିଧା ସମ୍ପର୍କିତ ବ୍ୟବସ୍ଥାକୁ ସମୀକ୍ଷା କରିଥିଲେ । ମେଳାକୁ ସୁସଂଗଠିତ, ପରିଷ୍କାର ଓ ପ୍ଲାଷ୍ଟିକମୁକ୍ତ ଭାବେ ଆୟୋଜନ କରାଯିବା ପାଇଁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ସମୟରେ ସମସ୍ତ ବିଭାଗର ନୋଡାଲ ଅଧିକାରୀଗଣ ମେଳା ପ୍ରସ୍ତୁତି ସମ୍ପର୍କରେ ମନ୍ତ୍ରୀଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ନିର୍ଦ୍ଧାରିତ କାର୍ଯ୍ୟ ସମ୍ପନ୍ନ ହୋଇଛି ବୋଲି ଜଣାଇଥିଲେ ।

### ପାର୍କିଂ ଫି' ପ୍ରତ୍ୟାହାର ପାଇଁ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ଚେତାବନୀ

## ପୁରୀରେ ଭକ୍ତଙ୍କୁ ଶୋଷଣ କରୁଛି ଶ୍ରୀମନ୍ଦିର ପ୍ରଶାସନ

**ପୁରୀ, ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଦେଶ ବିଦେଶରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଉପରେ ଶ୍ରୀମନ୍ଦିର ପ୍ରଶାସନ ଜବରଦସ୍ତ ଆର୍ଥିକ ବୋଝ ଲଦି ଦେଉଥିବା ଅଭିଯୋଗ କରିଛନ୍ତି ସମାଜସେବୀ ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଉମାବଲ୍ଲଭ ରଥ । ଭକ୍ତ ନିବାସରେ ରହୁଥିବା ଶ୍ରଦ୍ଧାଳୁଙ୍କ ଗାଡ଼ି ପାର୍କିଂ ପାଇଁ ଦୈନିକ ୫୦୦ ଟଙ୍କା ଶୁଳ୍କ ଧାର୍ଯ୍ୟ କରାଯାଇଥିବାରୁ ସେ ତୀବ୍ର ନିନ୍ଦା କରିବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି ।

**ହୋଟେଲ ମାଲିକଙ୍କୁ ଫାଇଦା ପହଞ୍ଚାଇବା ପାଇଁ ଷଡ଼ଯନ୍ତ୍ର:** ଶ୍ରୀ ରଥ କହିଛନ୍ତି ଯେ, ସୁଲଭ ଦରରେ ରହିବା ପାଇଁ ଭକ୍ତ ନିବାସ ନିର୍ମାଣ ହୋଇଥିବା ବେଳେ ଏତେ ଅଧିକ ପାର୍କିଂ ଫି' ନେବା ଦ୍ୱାରା ଭକ୍ତମାନେ ସେଠାରେ ରହିବାକୁ ଅନିଚ୍ଛା ପ୍ରକାଶ କରିବେ । ଏହା ପରୋକ୍ଷରେ ପୁରୀର ଘରୋଇ ହୋଟେଲ ମାଲିକମାନଙ୍କୁ ଲାଭ ପହଞ୍ଚାଇବା ପାଇଁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର । ଭାରତର କୌଣସି ପ୍ରମୁଖ ଦେବସ୍ଥଳୀରେ ପାର୍କିଂ ପାଇଁ ଏଭଳି ଦୈନିକ ୫୦୦ ଟଙ୍କା ନେବାର ନଜିର ନାହିଁ । ସରକାରଙ୍କ ଅଗୋଚରରେ ପ୍ରଶାସନ ଏଭଳି ଅଦ୍ଭୁତ ଓ ଜନ-ବିରୋଧୀ ନିଷ୍ପତ୍ତି କିଭଳି ନେଉଛି, ସେ ନେଇ ସେ ପ୍ରଶ୍ନ ଉଠାଇଛନ୍ତି ।

**ଅମୃତମଣୋହି ଜମି ବିକ୍ରିର ସ୍ମୃତି ତାଜା:** ପ୍ରଶାସନିକ ଅବ୍ୟବସ୍ଥା ଉପରେ କ୍ଷୋଭ ପ୍ରକାଶ କରି ପୂର୍ବତନ ବିଧାୟକ ଶ୍ରୀ ରଥ କହିଛନ୍ତି ଯେ, ଅତୀତରେ ତତ୍କାଳୀନ ବିଜେଡି ସରକାର ସମୟରେ ମହାପ୍ରଭୁଙ୍କର ପ୍ରାୟ ୧୩୦୦ ଏକର ମୂଲ୍ୟବାନ ଅମୃତମଣୋହି ଜମିକୁ ଶିଳ୍ପପତି ଅନିଲ ଅଗ୍ରୱାଲଙ୍କ ବେଦାନ୍ତ ପ୍ରକଳ୍ପ ପାଇଁ ବେଆଇନ ଭାବେ ବିକ୍ରି କରିଦିଆଯାଇଥିଲା । ସେତେବେଳେ ମହାପ୍ରଭୁଙ୍କୁ 'ଦେବାଳିଆ' ବୋଲି ଉଚ୍ଚ ନ୍ୟାୟାଳୟରେ ଦର୍ଶାଯାଇଥିଲା । ଯେଉଁ ପ୍ରଶାସନ ମହାପ୍ରଭୁଙ୍କ ସମ୍ପତ୍ତିର ସୁରକ୍ଷା କରିପାରୁନାହିଁ, ସେ ଆଜି ଭକ୍ତଙ୍କୁ ଲୁଟିବାକୁ ଯୋଜନା କରୁଛି ।

**ମହାପାପର ପ୍ରାୟଶ୍ଚିତ କରନ୍ତୁ ସରକାର:** 'ଭକ୍ତଙ୍କୁ ଲୁଟିବା ମହାପାପ' ବୋଲି ଉଲ୍ଲେଖ କରି ଶ୍ରୀ ରଥ କହିଛନ୍ତି ଯେ, ସରକାର ଏହି ବିଷୟରେ ହସ୍ତକ୍ଷେପ କରି ତୁରନ୍ତ ପାର୍କିଂ ଫି' ପ୍ରତ୍ୟାହାର କରନ୍ତୁ । ଜଗନ୍ନାଥଙ୍କ ଭକ୍ତଙ୍କୁ ଶୋଷଣ କରିବା ବନ୍ଦ ନହେଲେ ଆଗାମୀ ଦିନରେ ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମ୍ବଲପୁର ବିକାଶ...

ମହାନଦୀ କୂଳର ମନ୍ଦଲିଆରୁ ଚାଉଁରପୁର ପର୍ଯ୍ୟନ୍ତ ବିକାଶ କାମ ହାତକୁ ନିଆଯାଇଛି । ଏଥିରେ ପାର୍କ, ଜିମ୍, ସେଲ୍‌ଫି ପଏଣ୍ଟ, ସ୍ନାନ ଘାଟ, ଆରତୀ ଘାଟ, ସପିଙ୍ଗ୍ କମ୍ପ୍ଲେକ୍ସ, ଶୌଚାଳୟ ଓ ପାର୍କିଂ ଆଦିର ବିକାଶ କରାଯିବ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ରାଜ୍ୟରେ ଦ୍ରୁତ ଶିଳ୍ପାୟନ ପରିପ୍ରେକ୍ଷୀରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଶିଳ୍ପାୟନ ଓଡିଶାର କିଛି ହାତଗଣତି ଶିଳ୍ପାଞ୍ଚଳରେ ପ୍ରତିଷ୍ଠିତ ହେଉଥିଲା । ଆଜି ବି ଓଡିଶାର ଅଧିକାଂଶ ଜିଲ୍ଲାରେ କୌଣସି ଶିଳ୍ପ କିମ୍ବା ବୃହତ୍ ଉଦ୍‌ଯୋଗ ନାହିଁ । କିନ୍ତୁ ଆମ ସରକାର ଆସିବା ପରେ ସମସ୍ତ ୩୦ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଅଣ୍ଟା ଭିଡିଛନ୍ତି । ଆଗାମୀ ଦିନରେ ଓଡିଶାରେ ନିବେଶ ହେବାକୁ ଯାଉଥିବା ଅନ୍ୟୁନ୍ୟ ୧୮ ଲକ୍ଷ କୋଟି ଟଙ୍କା ରାଜ୍ୟର ସମସ୍ତ ଜିଲ୍ଲାକୁ କରିବ ଶିଳ୍ପାୟନ । ଗତ ଦେଢ ବର୍ଷରେ ଓଡ଼ିଶାରେ ବିକାଶର ଧାରା ତ୍ୱରାନ୍ୱିତ ହୋଇଛି । ଏହି କ୍ରମରେ ସମ୍ବଲପୁର ଜିଲ୍ଲାର ବିକାଶ ପାଇଁ ଆମ ସରକାର ଅନେକ ପଦକ୍ଷେପ ନେଉଛନ୍ତି । ଜିଲ୍ଲାବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ଗମନାଗମନ ଇତ୍ୟାଦି ମୌଳିକ ସୁବିଧା ଯୋଗାଇଦେବା ପାଇଁ ଆମ ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି । ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି ଏବଂ ଯାହା ଲୋକଙ୍କ ପାଇଁ ହିତ ଆମ ସରକାର ତାହାହିଁ କରୁଛନ୍ତି । ସମ୍ବଲପୁରରେ ଜନ ଅଭିଯୋଗ ଶୁଣାଣୀ ଏବଂ ଏହାର ତ୍ୱରିତ ପଦକ୍ଷେପ ଆମକୁ ଜନତାଙ୍କ ଆହୁରି ନିକଟତର କରି ଦେଉଛି । ଆମର ଶାସନ କେବଳ ଭୁବନେଶ୍ୱରରୁ ଅଫିସର ଏସି ରୁମ୍‌ରୁ ପରିଚାଳିତ ହୁଏ ନାହିଁ । ସରକାରଙ୍କ ନୀତି ନିୟମରେ ଯଦି କିଛି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ, ତାକୁ ଆମେ ନିଜ ସମ୍ମାନର ମିଛ ଆସ୍ଫାଳନର ଦ୍ୱାହିଦେଇ ବିଚାରକୁ ନ ନେବାର ଜିଦ୍ ରେ ଅଟଳ ନ ରହି ସେଥିରେ ଆବଶ୍ୟକୀୟ ସଂଶୋଧନ କରି ଲୋକାଭିମୁଖୀ କରିବା ପାଇଁ ଚେଷ୍ଟା କରି ଆସୁଛୁ । କାରଣ, ସୁଶାସନର ମୂଳମନ୍ତ୍ର ହେଉଛି 'ଲୋକ' ବୋଲି ସେ କହିଥିଲେ । ପରିଶେଷରେ ସମୃଦ୍ଧ ଓଡ଼ିଶା ସୃଷ୍ଟିରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି ଆଦି ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ଲକ୍ଷ୍ୟ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ସମାଜର ଶେଷଧାଡ଼ିରେ ରହୁଥିବା ଭାଇଭଉଣୀ ମାନଙ୍କୁ ଯେପରି ସବୁ ପ୍ରକାର ମୌଳିକ ସୁବିଧା ଉପଲବ୍ଧ ହେବ, ସେ ଦିଗରେ ମଧ ଆମର ଉଦ୍ୟମ ରହିଛି ବୋଲି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲପୁରକୁ ପ୍ରଗତି ପଥରେ ଓ ବିକଶିତ ସମ୍ବଲପୁର କରିବା ନିମନ୍ତେ ରାଜ୍ୟ ସରକାର ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି ଓ ତାହାର ଫଳାଫଳ ପ୍ରତିଟି ଜନତାଙ୍କ ମୁହଁରେ ଆଜି ପରିଲକ୍ଷିତ ବୋଲି କହିଥିଲେ । ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଉଦବୋଧନ ଦେଇ କହିଥିଲେ ଯେ ଡବଲ ଇଞ୍ଜିନ ସରକାର ଡବଲ ବିକାଶର ପ୍ରତିଶ୍ରୁତି ପୂରଣ କରୁଛି ଏବଂ କେବଳ ପ୍ରତ୍ୟେକ ଜିଲ୍ଲାକୁ ନୁହେଁ ଗାଁକୁ ବିକଶିତ କରିବା ପାଇଁ ଆମ ସରକାରଙ୍କ ଉଦ୍ୟମ ଜାରି ରହିଛି । ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାଏକ, ଆରଡିସି ରାମଚନ୍ଦ୍ର ଯାଦବ, ପୋଲିସ ଆଇଜି ହିମାଂଶୁ ଲାଲ, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ ମଞ୍ଚାସୀନ ଥିବା ବେଳେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସ୍ୱାଗତ ଭାଷଣ ଦେଇଥିଲେ ଓ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନର କମିଶନର ରେହାନ ଖତ୍ରୀ ଧନ୍ୟବାଦ ଦେଇଥିଲେ । ସୂଚନା ଥାଉକି ରବିବାର ଜିଲ୍ଲାରେ ଦୁଇଟି ପ୍ରକଳ୍ପର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ । ଜିଲ୍ଲା ସଦରମହକୁମା ଡାକ୍ତରଖାନାରେ ନୂତନ ଭାବେ ନିର୍ମିତ ହୋଇଥିବା ଟ୍ରୋମା କେୟାର ଓପିଡି ବିଲ୍ଡିଂ ଏବଂ ସିଏସଏସଡି ବିଲ୍ଡିଂ ଶୁଭ ଉଦ୍‌ଘାଟନ ଏବଂ ସମ୍ବଲପୁର ସହର ପାଇଁ ୨୪ ଘଣ୍ଟିଆ ପାନୀୟ ଜଳଯୋଗାଣ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ।

### ଦୁଃଖ ପ୍ରକାଶ...

ଭାବେ ସ୍ଥିତି ଉପରେ ନଜର ରଖିଛି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି ।

### ସୁଲଭ, ନିରବଚ୍ଛିନ୍ନ...

କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଶକ୍ତି କ୍ଷେତ୍ରର ବିଭିନ୍ନ ସରକାରୀ ଉଦ୍ୟୋଗ ଗୁଡ଼ିକର ନିର୍ଦ୍ଦେଶକ ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବୈଠକରେ ବିଦ୍ୟୁତ କ୍ଷେତ୍ରର ସାମଗ୍ରିକ କାର୍ଯ୍ୟଦକ୍ଷତା ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଏଥିରେ ବିଦ୍ୟୁତ ଉତ୍ପାଦନ, ବିତରଣ, ବିଦ୍ୟୁତ ସଂଗ୍ରହ, ଢାଞ୍ଚାଗତ ବିକାଶ, ନବୀକରଣଯୋଗ୍ୟ ଉର୍ଜାର ସମନ୍ୱୟ ଏବଂ ଜନକୈନ୍ଦ୍ରିକ ସେବାଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା । ସେହିପରି ଚାଲୁଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସହିତ ସଂପୃକ୍ତ ସଂସ୍ଥାମାନଙ୍କର ପ୍ରମୁଖ ପରିଚାଳନାତ୍ମକ ଓ ଆର୍ଥିକ ଦିଗ ସଂପର୍କରେ ମଧ ଆଲୋଚନା କରାଯାଇଥିଲା । ସମୀକ୍ଷା ବୈଠକରେ ଅଧକ୍ଷତା କରି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବିଦ୍ୟୁତ ସଂସ୍ଥାଗୁଡ଼ିକୁ ଶକ୍ତି ଉତ୍ପାଦନ ଓ ବିତରଣ କ୍ଷେତ୍ରରେ ନିରନ୍ତରତା ବଜାୟ ରଖି ରାଜ୍ୟବାସୀଙ୍କୁ ସୁଲଭ, ନିରବଚ୍ଛିନ୍ନ, ବିଶ୍ୱସନୀୟ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣକୁ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦେଇଛନ୍ତି । ଏଥି ସହିତ ସେ ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବିଭିନ୍ନ ବିଭାଗ ଓ ସରକାରୀ ଉଦ୍ୟୋଗମାନଙ୍କ ସହିତ ଉତ୍ତମ ସମନ୍ୱୟ ରକ୍ଷା କରି ଶକ୍ତି କ୍ଷେତ୍ରରେ ଜନକୈନ୍ଦ୍ରିକ ସେବା ପ୍ରଦାନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ବିଦ୍ୟୁତ ସଂସ୍ଥାମାନଙ୍କୁ 'ସମୃଦ୍ଧ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ଲକ୍ଷ୍ୟ ସାଧନ ପାଇଁ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମକୁ ପ୍ରାଥମିକତା ଓ ସଂସ୍କାରମୂଳକ ପଦକ୍ଷେପ ଆଧାରରେ ସେମାନଙ୍କର କାର୍ଯ୍ୟଯୋଜନାକୁ ସମନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଆହୁରି ମଧ ରାଜ୍ୟର ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ (ପିଏସପି) ଏବଂ ଫ୍ଲୋଟିଂ ସୋଲାର୍ ଫୋଟୋଭୋଲ୍ଟାଇକ୍ (ଏଫ୍ଏସପିଭି) ର ସମ୍ଭାବନାର ସଦୁପଯୋଗ କରିବା ଏବଂ ଏହିପରି ସମସ୍ତ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ଗୁରୁତ୍ୱ ଦେଇଥିଲେ । ମୁଖ୍ୟ ସଚିବ ମଧ ବିଷ୍ଣୁପୁର ନିକଟରେ ୭୬୫/୪୦୦ କେଭି ସବ୍‌ଷ୍ଟେସନ୍ ସହ ସଂଲଗ୍ନ ପରିବହନ ଲାଇନ୍ ଗୁଡ଼ିକ ସମେତ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ପରିବହନ ଢାଞ୍ଚାର ଦ୍ରୁତ ଉନ୍ନତିର ଆବଶ୍ୟକତା ଉପରେ ଜୋର ଦେଇଥିଲେ, ଯାହା ରାଜ୍ୟର ରାଜଧାନୀ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣକୁ ସୁଦୃଢ଼ କରିବ । ସେ ମଧ ରାଜ୍ୟରେ ବିଦ୍ୟୁତ ପରିବହନଜନିତ କ୍ଷତିକୁ ଆହୁରି କମାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟ ଶାସନ ସଚିବ ମଧ ନିରବଚ୍ଛିନ୍ନ ଓ ନିଶ୍ଚିତ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ରାଜ୍ୟର ରାଜଧାନୀ ଅଞ୍ଚଳ ସମେତ କେନ୍ଦୁଝର, ଝାରସୁଗୁଡ଼ା–ସମ୍ବଲପୁର ଅଞ୍ଚଳ, ବରଗଡ଼–ସାରସମାଲ ଅଞ୍ଚଳ, ଥେରୁବାଲି–ଜୟପୁର ଅଞ୍ଚଳ ଏବଂ ବ୍ରହ୍ମପୁର–ବାଲିଗୁଡ଼ା ଅଞ୍ଚଳରେ ୨୨୦ କେଭି ରିଂ ନେଟୱାର୍କ ବିକାଶ କରିବା ପାଇଁ ପରାମର୍ଶ ଦେଇଥିଲେ । ସେ ସାରା ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବାକୁ ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପଗୁଡ଼ିକୁ ନିକଟରୁ ନିରୀକ୍ଷଣ କରିବା ପାଇଁ ବିଦ୍ୟୁତ୍ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ସଚିବ ମଧ ବିଦ୍ୟୁତ୍ କ୍ଷେତ୍ରରେ ସୂଚନା ପ୍ରସାରଣ ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ସିଷ୍ଟମ ଅଟୋମେସନ ଓ ନିରୀକ୍ଷଣ ସମ୍ପର୍କିତ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟାନ୍ୱୟନ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ଆସନ୍ତା ଏକ ବର୍ଷ ମଧ୍ୟରେ ସବ୍ ଷ୍ଟେସନ ଅଟୋମେସନ ଓ ମନିଟରିଂ ସିଷ୍ଟମ ପ୍ରକଳ୍ପ ଅନ୍ତର୍ଗତ ସମସ୍ତ ସବ୍‌ଷ୍ଟେସନ୍‌କୁ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ପ୍ରସ୍ତାବିତ ହଟ୍‌ଲାଇନ୍ ମେଣ୍ଟେନାନ୍ସ ପଦକ୍ଷେପଗୁଡ଼ିକୁ ସେ ସ୍ୱାଗତ କରିଥିବା ସହିତ ସମସ୍ତ ସୁରକ୍ଷା ନିୟମାବଳୀକୁ କଡାକଡ଼ି ଅନୁସରଣ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ । ସେ ପ୍ରମୁଖ ବିଦ୍ୟୁତ୍ କ୍ଷେତ୍ର ପ୍ରକଳ୍ପଗୁଡ଼ିକୁ ପିଏମ୍ ଗତିଶକ୍ତି ଅଧୀନରେ ଉପଯୁକ୍ତ ଭାବରେ ପ୍ରତିଫଳିତ କରିବାକୁ ପରାମର୍ଶ ଦେଇଥିଲେ ଏବଂ ରାଜ୍ୟର କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବିଦ୍ୟୁତ୍ ଚାହିଦା ପୂରଣ ପାଇଁ ଗ୍ରହଣ କରାଯାଉଥିବା ସକ୍ରିୟ ପଦକ୍ଷେପଗୁଡ଼ିକ ସଂପର୍କରେ ପ୍ରଶଂସା କରିଥିଲେ । ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ବିଦ୍ୟୁତ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦକ୍ଷେପ ଏବଂ ସଂସ୍କାର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସେ କହିଥିଲେ ଯେ ଶକ୍ତି ବିଭାଗ ସମସ୍ତ ବିଦ୍ୟୁତ ସଂସ୍ଥାମାନଙ୍କ ସହ ସୁସମନ୍ୱୟ ରକ୍ଷା କାର୍ଯ୍ୟ କରି ବିଦ୍ୟୁତ୍ ପରିବହନ ଓ ବିତରଣ ଢାଞ୍ଚାକୁ ସୁଦୃଢ଼ କରିବା, ପରିଚାଳନାତ୍ମକ କ୍ଷମତା ବୃଦ୍ଧି କରିବା ଏବଂ ସମସ୍ତଙ୍କ ପାଇଁ ବିଶ୍ୱସନୀୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରୁଛି । ସେ ନିରନ୍ତର ଓ ପ୍ରଯୁକ୍ତିଭିତ୍ତିକ ପ୍ରୟୋଗ ମାଧ୍ୟମରେ ରାଜ୍ୟର ଦୀର୍ଘକାଳୀନ ଉର୍ଜା ଲକ୍ଷ୍ୟ ସାଧନ ପ୍ରତି ବିଭାଗର ଦୃଢ଼ ପ୍ରତିବଦ୍ଧତା ରହିଥିବା ପ୍ରକାଶ କରିଥିଲେ । ବୈଠକରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ରାଜ୍ୟର କ୍ରମାଗତ ବୃଦ୍ଧି ପାଉଥିବା ବିଦ୍ୟୁତ ଚାହିଦା ପୂରଣ ପାଇଁ ଶକ୍ତି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ସମ୍ମୁଖୀନ ହେଉଥିବା ଆହ୍ୱାନ ଏବଂ ଭବିଷ୍ୟତ ରଣନୀତି ସମ୍ପର୍କରେ ନିଜର ମତାମତ ପ୍ରକାଶ କରିଥିଲେ ।

### ମେକ୍ ଆମେରିକା...

ଚଳିତ ସପ୍ତାହର ଆରମ୍ଭରେ ଘୋଷଣା କରାଯାଇଥିବା ପାଣ୍ଠିକୁ ପ୍ରଶାସନ ଦ୍ୱାରା ଏକ ବଡ଼ ଧରଣର ଠକେଇ ବୋଲି କୁହାଯାଇଥିଲା । ବିଶେଷକରି ମିନେସୋଟାର ଶିଶୁ ଯତ୍ନ ସବସିଡି କାର୍ଯ୍ୟକ୍ରମରେ ଲକ୍ଷ ଲକ୍ଷ ଡଲାର ଠକେଇ କରାଯାଇଥିବା ପ୍ରକାଶ ପାଇଛି । ରାଷ୍ଟ୍ରପତି ଟ୍ରମ୍ପ ଏହି ଫ୍ରିଜ୍‌କୁ ତାଙ୍କର 'ଆମେରିକା ପ୍ରଥମ' ଏଜେଣ୍ଡାର ଏକ ଅଂଶ ଭାବରେ ପ୍ରସ୍ତୁତ କରି କହିଥିଲେ ଯେ, କରଦାତାଙ୍କ ଟଙ୍କା 'ସ୍କାମ୍' ଏବଂ ଅପବ୍ୟବହାର କଲ୍ୟାଣ ଖର୍ଚ୍ଚ ଦ୍ୱାରା ନଷ୍ଟ ହେଉଛି ।

### ବାଂଲାଦେଶ...

ତୁଳନାରେ ବାଂଲାଦେଶ ସୀମାରେ ଅଧିକ ଅନୁପ୍ରବେଶ ଉଦ୍ୟମ ଘଟଣା ଘଟିଛି । ୨୦୨୫ରେ ପାକିସ୍ତାନ ପଟୁ ୩୨ ଥର ଅନୁପ୍ରବେଶ ଉଦ୍ୟମ ଘଟଣା ଘଟିଥିବାବେଳେ ମିଆଁମାର ସୀମାରେ ୯୫, ନେପାଳ–ଭୁଟାନ ସୀମାରେ ଯୁଗ୍ମଭାବେ ୫୪ ଥର ଏଭଳି ଘଟଣା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ବାଂଲାଦେଶ ସୀମାକୁ ଅନୁପ୍ରବେଶରୁ ସୁରକ୍ଷିତ ରଖିବା ବିଏସଏଫ ପକ୍ଷରେ ବଡ ଆହ୍ୱାନ ପାଲଟିଛି ।

### ଗ୍ରୀନ୍‌ଲ୍ୟାଣ୍ଡ...

ଅତ୍ୟାବଶ୍ୟକ । ସେଠାରେ ଋଷ ଏବଂ ଚୀନ୍ ଜାହାଜର ଉପସ୍ଥିତି ଚିନ୍ତାର ବିଷୟ, ଏବଂ ସେ ଚାହାଁନ୍ତି ନାହିଁ ଯେ ଗ୍ରୀନଲ୍ୟାଣ୍ଡର ଚୀନ୍ ଏବଂଋଷର ପଡ଼ୋଶୀ ହେଉ । ତେଣୁ, ସେ ଯଥାଶୀଘ୍ର ଏହାକୁ ଦଖଲ କରିବେ । କିନ୍ତୁ ପ୍ରଶ୍ନ ଉଠେ ଏହା କେବଳ ଜାତୀୟ ସୁରକ୍ଷାର ବିଷୟ, ନା ଗ୍ରୀନଲ୍ୟାଣ୍ଡ ପାଖରେ ଥିବା ଅମୂଲ୍ୟ ସମ୍ପତ୍ତି ଯାହା ଟ୍ରମ୍ପଙ୍କ ନଜରକୁ ଆସିଛି ।

## ଗଜପତିର ନୂତନ ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗଦେଲେ ଅକ୍ଷୟ ସୁନିଲ ଅଗ୍ରୱାଲ

**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**




ଗଜପତି ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବରେ ଅକ୍ଷୟ ସୁନିଲ ଅଗ୍ରୱାଲ, ଭା.ପ୍ର.ସେ. ଆଜି ଯୋଗଦାନ କରିଛନ୍ତି । ନୂତନ ଜିଲ୍ଲାପାଳ ଶନିବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ଠାରେ ଦାୟିତ୍ୱ ଗ୍ରହଣ କରିବା ସହ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଅବଲମ୍ବନ ପାଇଁ ଉପସ୍ଥିତ ପଦାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସରକାରଙ୍କର ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ସହ ହିତାଧିକାରୀ ମାନଙ୍କ ନିକଟରେ ସଫଳତାର ସହ ସେବା ପହଞ୍ଚାଇବା ଓ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ ପାଇଁ ନୂତନ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସେହିପରି ଜିଲ୍ଲାରେ ବିଭିନ୍ନ ବିକାଶ ମୂଳକ ଯୋଜନା ତଥା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ସମସ୍ତ ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାମକୁ ତୁରନ୍ତ ସମ୍ପୂର୍ଣ୍ଣ କରାଯିବା ଓ ଜିଲ୍ଲାର ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ତାଙ୍କର ପ୍ରାଥମିକତା ହେବ ବୋଲି ନୂତନ ଜିଲ୍ଲାପାଳ କହିଛନ୍ତି । ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଗୋଟିଏ ଟିମ ହୋଇ କାର୍ଯ୍ୟ କଲେ ଜିଲ୍ଲାର ବିକାଶ ହୋଇପାରିବ ବୋଲି ଶ୍ରୀ ଅଗ୍ରୱାଲ ଆହ୍ୱାନ କରିଥିଲେ । ଜନସାଧାରଣଙ୍କ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ଆଦେଶ ଦେଇଥିଲେ ।

ଶ୍ରୀ ଅଗ୍ରୱାଲ ପୂର୍ବରୁ ନୟାଗଡ଼ ଜିଲ୍ଲାପାଳ ଭାବରେ କାର୍ଯ୍ୟରତ ଥିଲେ । ଜିଲ୍ଲା କାର୍ଯ୍ୟାଳୟ ଠାରେ ଆରକ୍ଷୀ ଅଧିକ୍ଷକ ଗଜପତି ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ.ନାଗାରାଜୁ, ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା ଓ ଫାଲଗୁନୀ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଆଲ୍ଲୀ ସମେତ ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ନୂତନ ଜିଲ୍ଲାପାଳଙ୍କ ସ୍ୱାଗତ ଓ ଅଭିବାଦନ କରିଥିଲେ ।

## ଶିଳ୍ପ ବିପର୍ଯ୍ୟୟ ପ୍ରସ୍ତୁତିର ତଦାରଖ ପାଇଁ ଅନୁଗୁଳରେ ଜରୁରୀକାଳୀନ ମକ୍ ଡ୍ରିଲ୍




**ଅନୁଗୁଳ, ନ୍ୟୁଜ ବ୍ୟୁରୋ**

ଛେଣ୍ଡିପଦା ରୋଡ୍ ସ୍ଥିତ ନିଶା ନିକଟରେ ଏକ ପୂର୍ଣ୍ଣାଙ୍ଗ ଜରୁରୀକାଳୀନ ମକ୍ ଡ୍ରିଲ୍, ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଶିଳ୍ପ ଗୁଡ଼ିକ ଜରୁରୀକାଳୀନ ସମୟରେ ଯୋଗାଯୋଗ ବ୍ୟବସ୍ଥା, ଜରୁରୀକାଳୀନ ଯନ୍ତ୍ରପାତି, ସମ୍ବଳ ସଂଗ୍ରହ ଏବଂ ଆନ୍ତଃ-ଏଜେନ୍ସି ସମନ୍ୱୟର ପ୍ରଭାବଶାଳୀ ମୂଲ୍ୟାଙ୍କନ କରିବା ଉଦ୍ଦେଶ୍ୟରେ ଡିସଟ୍ରିକ୍ଟ ଅଫ୍-ସାଇଟ୍ ଏମର୍ଜେନ୍ସି ରେସପନ୍ସ ପ୍ଲାନ୍ (ଓଇଆରପି) ଅନୁଯାୟୀ ଏହି ଅଭ୍ୟାସ କରାଯାଇଥିଲା । ଏହି ମକ୍ ଡ୍ରିଲରେ ଅନୁଗୁଳ ଡିଭିଜନର କାରଖାନା ଏବଂ ବଏଲର୍ସର ଉପନିର୍ଦ୍ଦେଶକ ଡକ୍ଟର ରମେଶ ଚନ୍ଦ୍ର ବେହେରା; ଅନୁଗୁଳ ଜୋନ୍-୧ର କାରଖାନା ଏବଂ ବଏଲର୍ସର ସହାୟକ ନିର୍ଦ୍ଦେଶକ ମନୋଜ ମିଶ୍ର; ଜିଲ୍ଲା ଅଗ୍ନିଶମ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ; ଏବଂ ଛେଣ୍ଡିପଦାର ସହକାରୀ ଶ୍ରମ ଅଧିକାରୀ କୁମାରୀ ପଦ୍ମଜା ସାହୁ ପ୍ରମୁଖ ଅଧିକାରୀ ସାମିଲ ହୋଇଥିଲେ । ସେହିପରି ଶିଳ୍ପାନୁଷ୍ଠାନ ପକ୍ଷରୁ ଜିନ୍ଦଲ ଷ୍ଟିଲର ସେଫ୍ଟି ମୁଖ୍ୟ(ଅନୁଗୁଳ) ଜିତେନ୍ଦ୍ର ପରିଡା, ଏସବିବିପିପି ପ୍ଲାଣ୍ଟ ମୁଖ୍ୟ (ଏଚଓପି) ଗଜେନ୍ଦ୍ର ରାୱତ ଏବଂ ଏସବିପିପିର ପରିଚାଳନା ଏବଂ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ) ମୁଖ୍ୟ ୟୁ. ଭି. ଏମ୍. ରାଓଙ୍କ ସମେତ ଜିନ୍ଦଲ ଷ୍ଟିଲ୍ ଏବଂ ନିକଟବର୍ତ୍ତୀ ଶିଳ୍ପର ପ୍ରତିନିଧିମାନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଏହି ଡ୍ରିଲ୍‌ରେ ଅଂଶଗ୍ରହଣ କରିଥିଲେ । ଏହି ମକ୍ ଡ୍ରିଲ୍ ଜିନ୍ଦଲ ଷ୍ଟିଲ୍ ଦ୍ୱାରା ଅନୁଗୁଳର କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟର ତତ୍ତ୍ୱାବଧାନ ଏବଂ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା । ଜରୁରୀକାଳୀନ ପରିସ୍ଥିତି ସମୟରେ ସାଧାରଣ ଲୋକଙ୍କ ସୁରକ୍ଷା ଏବଂ ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏଭଳି ଏକ ପ୍ରୟାସ କରାଯାଇଥିଲା । ଯାହା ଫଳରେ ଆଗକୁ ପ୍ରସ୍ତୁତି ସହ ଅସୁବିଧାଗୁଡିକର ଚିହ୍ନଟ କରାଯାଇପାରିବ ।

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି ।

(1) ସଂ. MCS/Stores/Tender Notice/PP/08 ତା.07.01.2026

ଟେଣ୍ଡର ସଂ. 92256081

ବିବରଣୀ : ବନ୍ଦ ହୋଇଥିବା (Sealed) ରକ୍ଷଣାବେକ୍ଷଣ ବିହୀନ (Maintenance Free) ଭାଲ୍ଭ ରେଗୁଲେଟେଡ୍ ଲିଡ୍ ଏସିଡ୍ ବ୍ୟାଟେରୀ (VRLA) ଇତ୍ୟାଦି, ପରିମାଣ : 15 ସେଟ୍, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖର ପର ଠାରୁ 30 ମାସ, ଯାଞ୍ଚ ଏଜେନ୍ସି : TPI ।

(2) ସଂ. MCS/Stores/Tender Notice/PP/09 ତା.07.01.2026

ଟେଣ୍ଡର ସଂ. 92256019

ବିବରଣୀ : ଏକ୍ସଲ ମାଉଣ୍ଟେଡ (Axle Mounted) ଡିସ୍କ ବ୍ରେକ ସିଷ୍ଟମ ନିମନ୍ତେ ମାନଦଣ୍ଡ ବଜାୟ ରହିଥିବା (Standardized) ବ୍ରେକ ଡିସ୍କ ଇତ୍ୟାଦି, ପରିମାଣ : 350 ସଂଖ୍ୟକ, ୱାରେଣ୍ଟି ଅବଧି : ଡେଲିଭରୀ ତାରିଖର ପର ଠାରୁ 72 ମାସ, ଯାଞ୍ଚ ଏଜେନ୍ସି : TPI ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (କ୍ରମ ସଂ. 1 ପାଇଁ) ତା.09.02.2026ରିଖ, 1500 ଘଟିକାରେ ଏବଂ (କ୍ରମ ସଂ. 2 ପାଇଁ) ତା.02.02.2026ରିଖ, 1500 ଘଟିକାରେ ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର

PR-998/Q/25-26



ଉତ୍କଳ ଦୀପିକା

ଭୁବନେଶ୍ୱର
୧୧ ଜାନୁଆରୀ,
ରବିବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ଜଣଙ୍କ ଲାଗି ସ୍ପେସ୍ ଷ୍ଟେସନ୍‌ରୁ ଫେରିବେ ୪ ମହାକାଶଚାରୀ

**ନୂଆଦିଲ୍ଲୀ ୧୦/୦୧**

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ଥିବା ମହାକାଶଚାରୀ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଖୁବ୍‌ଶୀଘ୍ର ପୃଥିବୀକୁ ଫେରିବେ । ଆମେରିକୀୟ ମହାକାଶ ଏଜେନ୍ସି ନାସା ଏହା ଘୋଷଣା କରିଛି । ଜଣେ ମହାକାଶଚାରୀଙ୍କ ପାଇଁ ୪ ଜଣ ପୃଥିବୀକୁ ଫେରିବେ । ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ୍ ଇତିହାସରେ ଏହା ପ୍ରଥମ ସୁନିୟୋଜିତ ମେଡିକାଲ ଇଭାକ୍ୟୁଏସନ୍ । ମହାକାଶଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଅଛି, କିନ୍ତୁ କୌଣସି ପ୍ରକାର ବିପଦରୁ ସୁରକ୍ଷା ପାଇଁ ସେମାନଙ୍କୁ ଫେରାଇ ଆଣିବାକୁ ନାସା ନିଷ୍ପତ୍ତି ନେଇଛି । ଏହି ସ୍ଥିତିରେ ପୂରାକ୍ରୁ ୧୧ ପୃଥିବୀ ପ୍ରତ୍ୟାବର୍ତ୍ତନ କରିବ । ମହାକାଶଚାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ନାସା ବିସ୍ତୃତ ସୂଚନା ଦେଇନାହିଁ । ତେବେ ଏହି ସମସ୍ୟା ସ୍ପେସ୍



ଷ୍ଟେସନ୍‌ରେ କୌଣସି ପ୍ରକାର ଆଘାତ, ଦୁର୍ଘଟଣା କିମ୍ବା ଷ୍ଟେସନ୍‌ର ଅପରେସନ୍ ସହ ସଂଶ୍ଳିଷ୍ଟ ନୁହେଁ । ନାସାର ମୁଖ୍ୟ ମେଡିକାଲ ଅଫିସର ଜେମ୍ସ ପୋଲ୍କ କହିଛନ୍ତି, ଦୀର୍ଘ ସମୟ ଧରି ଲାଗି ରହୁଥିବା ସ୍ୱାସ୍ଥ୍ୟ ବିପଦ ଓ ରୋଗ ଚିହ୍ନଟରେ ଅନିଶ୍ଚିତତା ଯୋଗୁ ଏହି ନିଷ୍ପତ୍ତି ନିଆଯାଇଛି । ଏହି ଘଟଣା ଗତ ୭ ତାରିଖ ସାମ୍ନାକୁ ଆସିବା ପରେ ନାସା ସ୍ପେସ୍‌ୱାକ୍‌କୁ ସ୍ଥଗିତ ରଖିଥିଲା । ପର ଦିନ ଅର୍ଥାତ୍ ୮ ତାରିଖ ନାସା ଘୋଷଣା କଲା ଯେ କ୍ରୁ-୧୧ ସଦସ୍ୟ କିଛି ଦିନ ମଧ୍ୟରେ ପୃଥିବୀକୁ ଫେରିବେ । ଫେରୁଥିବା ୪ ମହାକାଶଚାରୀ ହେଉଛନ୍ତି ଆମେରିକାର ମାଇକ୍ ଫିଙ୍କେ ଓ ଜେନା କାର୍ଡମ୍ୟାନ୍, ଜାପାନର କିମିୟା ୟୁଇ ଓ ରୁଷ୍‌ର ଓଲେଗ ପ୍ଲାଟୋନୋଭ । ଏମାନେ କ୍ରୁ-୧୧ ସ୍ପେସ୍‌ଏକ୍ସ ମିଶନର ସଦସ୍ୟ, ଯେଉଁମାନେ ୧ ଅଗଷ୍ଟ, ୨୦୨୫ରୁ ସ୍ପେସ୍ ଷ୍ଟେସନ୍‌ରେ ଅଛନ୍ତି । ଏ ପ୍ରକାର ମିଶନ ସାଧାରଣତଃ ୬ ମାସର ହୋଇଥାଏ । ଏହି ମହାକାଶଚାରୀ ଆଉ କିଛି ଦିନ ପରେ ଫେରିଥାନ୍ତେ, କିନ୍ତୁ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଆଗୁଆ ଫେରିବାକୁ ପଡୁଛି । ୩ ଜଣ ମହାକାଶଚାରୀ ସ୍ପେସ୍ ଷ୍ଟେସନ୍‌ରେ ରହିବେ । ରୁଷ୍ ମିଶନରେ ଗତ ନଭେମ୍ବରରେ ସ୍ପେସ୍ ଷ୍ଟେସନ୍ ଯାଇଥିବା ଆମେରିକାର କ୍ରିଷ୍ଟୋଫର ୱିଲିୟମ୍ସ ସ୍ପେସ୍, ରୁଷ୍‌ର ସର୍ଗେଇ କୁଦ-ସଓ୍ୱର୍ଚକୋଭ ଓ ସର୍ଗେଇ ମିକାଏଭ ରହିବେ, ଯିଏକି ସୋୟୁଜ ମହାକାଶଯାନରେ ସ୍ପେସ୍ ଷ୍ଟେସନ୍ ପହଞ୍ଚିଥିଲେ ।



ଭୁବନେଶ୍ୱର : ରାଜ ଭବନରେ ପୁଷ୍ପ ପ୍ରଦର୍ଶନୀ ବୁଲିଲେ ରାଜଧାନୀ ବାସୀ । (ଫଟୋ : ସମ୍ବାଦ କଳିକା)

# ମା' ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କଲେ ମୁଖ୍ୟମନ୍ତ୍ରୀ



**ସମ୍ବଲପୁର, ୧୦।୧**
**ନ୍ୟୁଜ ବ୍ୟୁରୋ**

ଦୁଇ ଦିନିଆ ସମ୍ବଲପୁର ଗସ୍ତରେ ଆସିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସମ୍ବଲପୁର ଗସ୍ତ ଅବସରରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିଛନ୍ତି । ଶ୍ରୀ ମାଝୀ କହିଛନ୍ତି ଯେ, ମା'ଙ୍କ ପୂଜାର୍ଚ୍ଚନା କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ରାଜ୍ୟର ପ୍ରଗତି ଓ ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ମା'ଙ୍କ ନିକଟରେ ଗୁହାରି କରିଛି । ବିକଶିତ ଓଡ଼ିଶାର ସଂକଳ୍ପକୁ ସାକାର କରିବା ପାଇଁ ମା' ଆମ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ, ଏତିକି କାମନା କରୁଛି । ଉକ୍ତ କାର୍ଯ୍ୟକ୍ରମ ଅବସରରେ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଭାରତୀୟ ଜନତା ପାର୍ଟି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# କିମ୍ସରେ ଏଏପିଆଇ ଗ୍ଲୋବାଲ୍ ହେଲ୍‌ଥକେୟାର ସମିଟ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୦।୧**
**ନ୍ୟୁଜ ବ୍ୟୁରୋ**

ଆମେରିକାନ ଆସୋସିଏସନ ଅଫ ଇଣ୍ଡିଆନ ଅରିଜିନ (ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ-ଏଏପିଆଇ) ପକ୍ଷରୁ କିମ୍ସରେ ୧୯ତମ ଗ୍ଲୋବାଲ୍ ହେଲ୍‌ଥକେୟାର ସମିଟ୍ ୨୦୨୬ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଜାନୁଆରୀ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ହୋଇଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ୧୧୦ରୁ ଉର୍ଦ୍ଧ୍ୱ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀମାନେ ଯୋଗ ଦେଇଥିଲେ । ପ୍ରଥମ ଥର ପାଇଁ ଓଡ଼ିଶାର କିମ୍ସରେ ଏଭଳି ସମ୍ମିଳନୀ ଆୟୋଜିତ ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି ନଡ୍ଡା ଆଭାସୀ ମାଧ୍ୟମରେ ଯୋଗଦେଇ କହିଲେ, ଅନ୍ତର୍ଜାତୀୟ ଚିକିତ୍ସା ସହଯୋଗ ଓ ଜ୍ଞାନ ବିନିମୟକୁ ଆଗକୁ ବଢ଼ାଇବା ଏଭଳି ସମ୍ମିଳନୀ ଏକ ଗୁରୁତ୍ୱପୂର୍ଣ୍ଣ




ମଞ୍ଚ । ଭାରତୀୟ ବଂଶୋଦ୍ଭବ ଡାକ୍ତରମାନେ ଆମେରିକାରେ ଆଧୁନିକ ସ୍ୱାସ୍ଥ୍ୟସେବା ସଂଗଠନ କରିବା ସହିତ ଦୟା, ଶୃଙ୍ଖଳା ଏବଂ ବୃତ୍ତିଗତ ଉତ୍କର୍ଷତା ମାଧ୍ୟମରେ ଗଭୀର ଓ ସ୍ଥାୟୀ ବିଶ୍ୱ ପ୍ରଭାବ ସୃଷ୍ଟି କରିପାରିଛନ୍ତି । କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଡାକ୍ତରମାନଙ୍କ ଏଭଳି ବିଶ୍ୱସ୍ତରୀୟ ସମାବେଶ ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ । ଏଏପିଆଇ ଉପରେ ଗୁରୁତ୍ୱାରୋପ କରି ସେ କହିଲେ, ଏଏପିଆଇ ଆମେରିକାରେ କାର୍ଯ୍ୟ କରୁଥିବା ଏକ ଲକ୍ଷରୁ ଅଧିକ ଭାରତୀୟ ବଂଶୋଦ୍ଭବ ଡାକ୍ତରଙ୍କୁ ପ୍ରତିନିଧିତ୍ୱ କରୁଛି । ଏହା ବ୍ୟତୀତ ସେ ନିରନ୍ତର ଶୈକ୍ଷିକ ସହଯୋଗ, ଗବେଷଣା, ଜ୍ଞାନ ବିନିମୟ ଓ ଦକ୍ଷତା ନିର୍ମାଣ ମାଧ୍ୟମରେ ଭାରତ ଓ ଆମେରିକା ମଧ୍ୟରେ ଏକ ଏଏପିଆଇର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏହି ଅବସରରେ ଡ. ସାମନ୍ତଙ୍କୁ ଏଏପିଆଇ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏଏପିଆଇ ସଭାପତି ତଥା ଏଏପିଆଇ ଜିଏଚ୍‌ଏସ୍ ଅଧ୍ୟକ୍ଷ ଡା. ଅମିତ ଚକ୍ରବର୍ତ୍ତୀ କହିଲେ, ଏଏପିଆଇ ହେଉଛି ଆମେରିକାର ଦ୍ୱିତୀୟ ସର୍ବବୃହତ ଚିକିତ୍ସା ସଂଗଠନ । ଏଥିରେ ପ୍ରାୟ ୧୧୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଏହି ସମ୍ମିଳନୀ ପାଇଁ ପଞ୍ଜିକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ଅନେକ ପ୍ରଥମ ଥର ପାଇଁ ଓଡ଼ିଶା ଆସିଥିଲେ । କିମ୍ସରେ ଏହି ସମ୍ମିଳନୀ ଆୟୋଜନ କରିବା ଦ୍ୱାରା କିଟ୍ ଓ କିମ୍ସର ବିଶ୍ୱସ୍ତରୀୟ ଶିକ୍ଷାଗତ ଓ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ପରିଦର୍ଶନ କରିବା ସହ ପ୍ରତିନିଧିମାନଙ୍କୁ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟ ବିଷୟରେ ଅଭିଜ୍ଞତା ମିଳିଥିଲା । ସମ୍ମିଳନୀ ଉପରେ ଆଲୋକପାତ କରି ଓଡ଼ିଶା ଫିଜିସିଆନ୍‌ସ ଅଫ୍ ଆମେରିକାର ସଭାପତି ଡା. ଅତଶୁ ନାୟକ କହିଲେ, ଏହି ସମ୍ମିଳନୀରେ ଆଧୁନିକ ଚିକିତ୍ସା ପଦ୍ଧତି, ରୋଗ ନିବାରଣ, ମଧୁମେହ ଓ ମେଟାବୋଲିଜିମ୍ ବିଷୟରେ ଆଲୋଚନା କରିବା ପାଇଁ ପ୍ରମୁଖ ଡାକ୍ତରମାନଙ୍କୁ ଏକତ୍ରିତ କରିଛି । ଆମେରିକାରେ ପ୍ରବାସୀ ଭାରତୀୟଙ୍କ ଘର ହୋଇଥିଲେ ମଧ୍ୟ ଓଡ଼ିଶା ସେମାନଙ୍କର ମାତୃଭୂମି । ସେମାନେ ଓଡ଼ିଶାକୁ କେବେ ବି ଛାଡ଼ି ପାରିବେ ନାହିଁ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଆର ସି ଦାସ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ କିମ୍ସ ମହାନିର୍ଦ୍ଦେଶକ ଡା. ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ତିନିଦିନ ବ୍ୟାପୀ ହୋଇଥିବା ଏହି ସମ୍ମିଳନୀରେ ଅତ୍ୟାଧୁନିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମଇ) ଅଧିବେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)- ଚାଳିତ କ୍ଲିନିକାଲ୍ ଇନ୍‌ସାଇଟ୍, ଉନ୍ନତ ଶଲ୍ୟଚିକିତ୍ସା ପ୍ରଦର୍ଶନ, କର୍ମଶାଳା, ଜନସ୍ୱାସ୍ଥ୍ୟ ପଦକ୍ଷେପ ଆଦି ଉପରେ ଆଲୋଚନା ହୋଇଥିଲା ।

# ବ୍ରହ୍ମପୁର ବନଖଣ୍ଡରେ କୁମ୍ଭୀରଙ୍କ ସଂଖ୍ୟା ୯୫କୁ ବୃଦ୍ଧି

**ବ୍ରହ୍ମପୁର/ଦିଗପହଣ୍ଡି, ୧୦।୦୧**
**ନ୍ୟୁଜ ବ୍ୟୁରୋ**

ସରିଛି କୁମ୍ଭୀର ଗଣନା । ବିଗତ ୪ ବର୍ଷରେ ବ୍ରହ୍ମପୁର ବନଖଣ୍ଡରେ କୁମ୍ଭୀର ସଂଖ୍ୟା ୭୬ରୁ ବୃଦ୍ଧି ପାଇ ୯୫ରେ ପହଞ୍ଚିଥିବା ଜଣାପଡ଼ିଛି । ଘୋଡ଼ାହାଡ଼ ଜଳ ଭଣ୍ଡାର ମଧ୍ୟରେ ୧୦ଟି ସେଗମେଣ୍ଟ ସହ ପାଖ ଗାଁରେ ଥିବା ୧୬ଟି ପୋଖରୀକୁ ପୂର୍ବରୁ ଚିହ୍ନଟ କରାଯାଇଥିଲା । ଏହି ସମସ୍ତ ସ୍ଥାନରେ ୩ ଦିନ ଧରି ୨୫ଟି ଟିମ୍ ଗଣନାରେ ନିୟୋଜିତ ଥିଲେ । ବନ ବିଭାଗର ଗଣନା ଅନୁଯାୟୀ, ୨୦୨୨ ବନଖଣ୍ଡରେ କୁମ୍ଭୀର ସଂଖ୍ୟା ୭୬ ରହିଥିବା ବେଳେ ୨୦୨୩ରେ ତାହା ବୃଦ୍ଧି ପାଇ ୮୧ରେ ପହଞ୍ଚିଥିଲା । ସେହିପରି ୨୦୨୪ରେ ୮୪ରେ ଓ ୨୦୨୫ରେ ୮୭ରେ ପହଞ୍ଚିଥିଲା ।



ଚଳିତ ବର୍ଷ ଗଣନାରେ ଏହି ସଂଖ୍ୟା ବୃଦ୍ଧି ହୋଇ ୯୫ରେ ପହଞ୍ଚିଛି । ଡ୍ୟାମ୍‌ରେ ୬୩ଟି କୁମ୍ଭୀରଙ୍କୁ ଚିହ୍ନଟ କରାଯାଇଥିବା ବେଳେ ୧୬ଟି ପୋଖରୀରେ ୩୨ଟି କୁମ୍ଭୀର ଚିହ୍ନଟ କରାଯାଇଥିଲା । ରାଜ୍ୟରେ ମଗର କୁମ୍ଭୀରଙ୍କ ସଂରକ୍ଷଣ ପାଇଁ ଘୋଡ଼ାହାଡ଼ ଜଳଭଣ୍ଡାର ଅନ୍ୟତମ ସ୍ଥାନ । ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ନିୟମିତ ଏହାର ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ କାରଣରୁ କ୍ରମଶଃ ଏଠାରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଉଛି । ସ୍ଥାନୀୟ ଲୋକ ଓ ମତ୍ସ୍ୟଜୀବୀଙ୍କ ସହଯୋଗରେ ସଂରକ୍ଷଣ ସମ୍ଭବ ହୋଇଛି । ଯାହାକି ଉଭୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହିତ ବନ୍ୟପ୍ରାଣୀ ସଂରକ୍ଷଣରେ ସହାୟକ ହେଉଛି ବୋଲି ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖର କହିଛନ୍ତି । ବ୍ରହ୍ମପୁର ବନଖଣ୍ଡ ତରଫରୁ ସୋମବାର ଘୋଡ଼ାହାଡ଼ଠାରେ କୁମ୍ଭୀର ଗଣନା ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାରଠାରୁ ତିନି ଦିନ ଧରି ଘୋଡ଼ାହାଡ଼ ଓ ଏହାର ଆଖପାଖରେ ଥିବା ଜଳ ଭଣ୍ଡାରରେ କୁମ୍ଭୀର ଗଣନା ହୋଇଥିଲା । ବ୍ରହ୍ମପୁର ବନଖଣ୍ଡ ଅଧିକାରୀ, ଏସିଏଫ୍ ସସ୍ମିତା ବିଶ୍ୱାଳ, ଗଞ୍ଜାମ ବିଜ୍ଞାନ ମହାବିଦ୍ୟାଳୟର ଜୁଲୋଜି ଅଧ୍ୟାପକ ମହେନ୍ଦ୍ର ସେଠୀ ଓ ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ସାହୁଙ୍କ ନେତୃତ୍ୱରେ ୨୫ଟି ଟିମ୍ କୁମ୍ଭୀର ଗଣନା କରିଥିଲା ।

# ଲୋକଙ୍କ ହଇରାଣ ଓ ହରକତକୁ ଦେଖି ଚିନ୍ତା ପ୍ରକଟ କଲେ ନବୀନ

**ଭୁବନେଶ୍ୱର, ୧୦/୧**
**ନ୍ୟୁଜ ବ୍ୟୁରୋ**

ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି)କୁ ନେଇ ସରକାରଙ୍କ ଉପରେ ବର୍ଷିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ପ୍ରଦୂଷଣ ସାର୍ଟିଫିକେଟ୍ (ପିୟୁସିସି) କାର୍ଯ୍ୟକାରୀ କରିବାରେ ବିଜେପି ସରକାର ବିଫଳ । ଟ୍ୱିଟ୍ କରି ପରିବହନ ବିଭାଗର ଦୂରଦୃଷ୍ଟି ଅଭାବ ଓ ଅକ୍ଷମତା ନେଇ କଟୁ ସମାଲୋଚନା କରିବା ସହ ଲୋକଙ୍କ ହଇରାଣ ଓ ହରକତକୁ ଦେଖି ଚିନ୍ତା ପ୍ରକଟ କରିଛନ୍ତି ଶ୍ରୀ ପଟ୍ଟନାୟକ । ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବା ପିୟୁସିସି ପ୍ରକ୍ରିୟାରେ ଘୋର ଅବ୍ୟବସ୍ଥା ଦେଖାଦେଇଛି । ନବୀନ ଲେଖିଛନ୍ତି ଯେ, ଓଡ଼ିଶାରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର କାର୍ଯ୍ୟକାରୀ କରିବା କ୍ଷେତ୍ରରେ



ବିଜେପି ସରକାରଙ୍କ ପରିଚାଳନା ଅତ୍ୟନ୍ତ ଅବ୍ୟବସ୍ଥିତ ଏବଂ ବାରମ୍ବାର ନିୟମ ପରିବର୍ତ୍ତନ ଓଡ଼ିଶାର ସାଧାରଣ ଜନତାଙ୍କ ପାଇଁ ଅକଥନୀୟ କଷ୍ଟ ଓ ଅସୁବିଧା ସୃଷ୍ଟି କରିଛି । ଜାନୁଆରୀ ୧, ୨୦୨୬ ରୁ 'ନୋ ପିୟୁସି, ନୋ ଫ୍ୟୁଏଲ୍' ନିୟମର ହଠାତ୍ ଘୋଷଣା ପରେ ସାରା ରାଜ୍ୟରେ ଥିବା ଟେଷ୍ଟିଂ ସେଣ୍ଟରଗୁଡ଼ିକରେ ପ୍ରବଳ ଭିଡ଼ ଜମିବା ସହ ଲୋକମାନେ ହଇରାଣ ହେଉଥିବା ଦେଖାଦେଇଥିଲା । ବିଜେପି ସରକାର ପର୍ଯ୍ୟାପ୍ତ ପରୀକ୍ଷା କେନ୍ଦ୍ର ନ କରି, ପୂର୍ବ ପରିକଳ୍ପନା ଓ ପ୍ରଚାର-ପ୍ରସାର ନ କରି ଏଭଳି ନିୟମ ଲାଗୁ କରିବା ଅଯୌକ୍ତିକ । ଜନସାଧାରଣଙ୍କ ଆକ୍ରୋଶର ସମ୍ମୁଖୀନ ହୋଇ ସରକାର ନିଜ ନିଷ୍ପତ୍ତିରୁ ବାରମ୍ବାର 'ଟି-ଟର୍ଣ୍ଣ' ମାରିଛନ୍ତି । ପ୍ରଥମେ ଏହି ନିୟମକୁ ଫେବୃୟାରୀ ୧ କହିଲେ, ତା'ପରେ ମାର୍ଚ୍ଚ ୩୧ ଏବଂ ଶେଷରେ ଏପ୍ରିଲ୍ ୧, ୨୦୨୬ ପର୍ଯ୍ୟନ୍ତ କୌଣସି ଜରିମାନା କରାଯିବ ନାହିଁ ବୋଲି ଘୋଷଣା କରାଯିବା ସହ ଟୋଲ୍ ଗେଟ୍‌ରେ ଇ-ଡିଟେକ୍ସନକୁ ମଧ୍ୟ ସ୍ଥଗିତ ରଖାଗଲା । ଏହି ବାରମ୍ବାର ପରିବର୍ତ୍ତନ ପରିବହନ ବିଭାଗର ସମ୍ପୂର୍ଣ୍ଣ ଅପାରଗତା ଏବଂ ଦୂରଦୃଷ୍ଟିର ଅଭାବକୁ ପଦାରେ ପକାଇଛି । ଯାନବାହନ ପ୍ରଦୂଷଣ ନିୟନ୍ତ୍ରଣ କରିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏହା ନାଗରିକମାନଙ୍କୁ ହଇରାଣ କରିବା ଉଚିତ ନୁହେଁ ।

ବିଜୁ ଜନତା ଦଳ ଦୃଢ଼ ଭାବରେ ଜନସାଧାରଣଙ୍କ ସହ ଠିଆ ହୋଇଛି ଏବଂ ଏହି ଅପରିଚାଳନା ବିରୁଦ୍ଧରେ ଆମେ ସ୍ୱର ଉତ୍ତୋଳନ କରିଆସୁଛୁ । ପିୟୁସି ସୁବିଧା ବୃଦ୍ଧି, ପ୍ରକ୍ରିୟା ସରଳୀକରଣ ଓ ଅନ୍ୟାୟ ଜରିମାନା ବନ୍ଦ ଦାବି କରିବା ସହ ଓଡ଼ିଶାବାସୀଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ଦରକାର ବୋଲି ଶ୍ରୀ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି ।

ସେହିପରି ଏକ୍ସରେ ପୋଷ୍ଟ କରି ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି ଯେ, ଧାନ କିଣାରେ ବୋନସ ଘୋଷଣା କରି ଚାଷୀଙ୍କୁ ଦିବାସ୍ୱପ୍ନ ଦେଖାଇଥିବା ସରକାରରେ ଆରମ୍ଭରୁ ଟୋକାନଠୁ ନେଇ ମଣ୍ଡି ଅବ୍ୟବସ୍ଥା ସହ ଧାନ ସଂଗ୍ରହ ପର୍ଯ୍ୟନ୍ତ ସବୁଠି ଚାଷୀ ହତାଶ ହୋଇଛନ୍ତି । ଚାଷୀଙ୍କୁ ସମ୍ମାନର ନାରା ଦେଉଥିବା ବିଜେପି ସରକାରର ସମସ୍ତ ଘୋଷଣା ମିଛ ପ୍ରତିଶ୍ରୁତିରେ ପରିଣତ ହୋଇଛି । ସମ୍ମାନ ବଦଳରେ ଏ ସରକାରରେ ଚାଷୀ ସବୁଠୁ ଅସମ୍ମାନିତ ଓ ପ୍ରତାରିତ । ଯେତେବେଳେ ନିଜ ଅମଳ ଧାନ ବିକ୍ରି କରି ନ ପାରି ଚାଷୀ ଆନ୍ଦୋଳନ କରୁଛି ସେତେବେଳେ ଏ ସରକାର ତାଙ୍କୁ 'ନୌଟଙ୍କି' ବୋଲି କହି ତାଚ୍ଛଲ୍ୟ କରୁଛି । ଏହା କ'ଣ ଡବଲ୍ ଇଞ୍ଜିନ୍ ସରକାରର ଚାଷୀଙ୍କୁ ସମ୍ମାନ ଧାନ ସଂଗ୍ରହ ଆରମ୍ଭରୁ ସବୁ ବ୍ୟବସ୍ଥା ହୋଇଯାଇଛି, ଟୋକନ୍ ସମସ୍ତଙ୍କୁ ମିଳିବ, ମନ୍ତ୍ରୀମାନେ ମଣ୍ଡି ଜଗିବେ ବୋଲି ସରକାର ଚାଷୀଙ୍କୁ କହିଲେ । ହେଲେ କ'ଣ ହେଲା ବୋଲି ନବୀନ ପ୍ରଶ୍ନ କରିଛନ୍ତି । ମଣ୍ଡିରେ ମନ୍ତ୍ରୀମାନଙ୍କ ପାଦ ପଡ଼ିବା ତ ଦୂରର କଥା, ଦୁଃଖ ସମୟରେ ଚାଷୀଙ୍କ ପାଖରେ ବି ସରକାରୀ ଦଳର କାହାକୁ ଦେଖିବାକୁ ମିଳୁ ନାହିଁ । ଚଳିତ ବର୍ଷ ଅଧିକ ଆୟର ଆଶା ବାନ୍ଧିଥିବା ଚାଷୀ ଶେଷରେ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଉଛି । ଚାଷୀଙ୍କ ସ୍ୱାର୍ଥ ସବୁଠୁ ଆଗରେ । ଆମ ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ସହ ଡବଲ୍ ଇଞ୍ଜିନ୍ ବିଜେପି ସରକାରର ଏପରି ଛଳନାର ଜବାବ ଓଡ଼ିଶାବାସୀ ନିଶ୍ଚୟ ଦେବେ । ବିଜୁ ଜନତା ଦଳ ଚାଷୀଙ୍କ ସାଥିରେ, ଚାଷୀଙ୍କ ହକ୍ ପାଇଁ ସବୁସ୍ତରରେ ସ୍ୱର ଶାଣିତ କରିବ ବୋଲି ନବୀନ କହିଛନ୍ତି ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଜଳିଗଲା ବ୍ୟାଟେରି ଗାଡି ସୋ-ରୁମ୍ : ୩୨ରୁ ଉର୍ଦ୍ଧ୍ୱ ଯାନ ହେଲା ପାଉଁଶ

**ବାରିପଦା, ୧୦/୧ ନ୍ୟୁଜ ବ୍ୟୁରୋ**

ବାରିପଦା ସହରରେ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୨ ଟାରେ ଅଘଟଣ ଘଟି ବ୍ୟାଟେରୀ ଗାଡି ସୋ' ରୁମ୍ ଜଳି ଯାଇଛି । ପ୍ରାୟ ୩୨ରୁ ଉର୍ଦ୍ଧ୍ୱ ବ୍ୟାଟେରୀ ଗାଡ଼ି ଜଳି ପାଉଁଶ ହୋଇଗଲା । ଘଟଣାଟି ଘଟିଛି ବାରିପଦା ସହରର ଦାରଗାଡ଼ିହି ସ୍ଥିତ କାଇନେଟିକ ଗ୍ରୀନ ନାମକ ଏକ ବ୍ୟାଟେରୀ ଗାଡି ସୋ' ରୁମ୍‌ରେ । ତେବେ ଘଟଣା ସ୍ଥଳରେ ଦୁଇଟି ଫାୟାର ଗାଡ଼ି ପହଞ୍ଚି ଦୀର୍ଘ ୨ ଘଣ୍ଟାର ପରିଶ୍ରମ ପରେ ନିଆଁ ଲିଭାଇବାରେ ସକ୍ଷମ ହୋଇଛି । ପ୍ରାୟ ୬୦ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ କୌଣସି ଜୀବନ ହାନି ହୋଇନାହିଁ । ଇନ୍‌ଭରଟର ସଟ୍ ସର୍କିଟ ହେବାରୁ ବ୍ୟାଟେରୀ ଫାଟି ଏହି ଦୁର୍ଘଟଣା ଘଟିଥାଇ ପାରେ ବୋଲି ଅନୁମାନ କରାଯାଉଛି ।



# ରାଜଧାନୀରେ ମାତିଛନ୍ତି ବାଇକ୍ ଚୋର : ବର୍ଷକୁ ୧୨ ଶହ ଗାଡି ଚୋରି

**ଭୁବନେଶ୍ୱର, ୧୦/୦୧**
**ନ୍ୟୁଜ ବ୍ୟୁରୋ**

କମିଶନରେଟ୍ ପୁଲିସ୍‌ରେ ବାଇକ୍ ଚୋରଙ୍କ ଆତଙ୍କରାଜ । ମାମଲା ରୁଜୁ କରୁଛି, ହେଲେ ଚୋରଙ୍କୁ ଧରି ବାଇକ୍ ଜବତ କରିବାରେ ପୁଲିସ ସମ୍ପୂର୍ଣ୍ଣ ଫେଲ୍ ମାରୁଛି । ପ୍ରତିଦିନ ସହର ଓ ଏହାର ଉପକଣ୍ଠରୁ ୩/୪ଟି ବାଇକ୍ ଚୋରି ହେଉଛି । ଗତ ବର୍ଷଠାରୁ ନୂଆ ଢଙ୍ଗରେ ବାଇକ୍ ଚୋରି ହେଉଛି । ଚୋରମାନେ ଟାଟା ଏସିଇ ଭଳି ଡାଲା ଥିବା ଗାଡ଼ି ନେଇ ଆସୁଛନ୍ତି । ସିଧା ବାଇକ୍ ଉଠାଇ ଗାଡିରେ ଲଦି ଫେରାର ହୋଇଯାଉଛନ୍ତି । ରିପୋର୍ଟ କହୁଛି, ୨୦୨୫ ମସିହାରେ କମିଶନରେଟ୍ ପୁଲିସ୍ ଭୁବନେଶ୍ୱରରୁ ୧୨ ଶହ ୨୩ଟି ବାଇକ୍ ଚୋରି ହୋଇଛି । ଚୋରି ହୋଇଥିବା ବାଇକ୍ ମଧ୍ୟରୁ ମାତ୍ର ୧୯.୦୮% ବାଇକ୍ ଉଦ୍ଧାର କରିବାରେ ପୁଲିସ୍ ସକ୍ଷମ ହୋଇଛି । ୨୦୨୫ରେ ସର୍ବାଧିକ ବାଇକ୍ କ୍ୟାପିଟାଲ ଥାନା ଅଞ୍ଚଳରେ ଚୋରି ହୋଇଛି । ଦ୍ୱିତୀୟରେ ରହିଛି ନୟାପଲ୍ଲୀ ଓ ତୃତୀୟରେ ଖଣ୍ଡଗିରି ଥାନା ଅଞ୍ଚଳରୁ ସର୍ବାଧିକ ବାଇକ୍ ଚୋରି ହୋଇଛି । ସବୁଠାରୁ ବଡ଼ କଥା ହେଲା ସବୁ ବାଇକ୍ ଚୋରିରେ ପୁଲିସ୍ ମାମଲା ରୁଜୁ କରିନାହିଁ । ଶହ ଶହ ବାଇକ୍ ମାଲିକଙ୍କୁ ପୁଲିସ୍ ଷ୍ଟେସନ୍ ଡାଏରୀ ଓ ଜେନେରାଲ୍ ଡାଏରୀ ଏଣ୍ଟ୍ରି କରି ଛାଡିଦେଇଛି । ଯଦି ଏ ସବୁ ବାଇକ୍ ଚୋରିର ହିସାବ କରାଯାଏ ତା'ହେଲେ ୩ ହଜାର ଟପିବ । ଚୋରି ମାମଲା ବଢ଼ିଲେ ପୁଲିସ୍‌ର ପାରିବାପଣିଆ ଉପରେ ଅଙ୍ଗୁଳି ଉଠିବ । ସେଥିପାଇଁ ମାମଲା ରୁଜୁ ନ କରି ଡାଏରୀ ଏଣ୍ଟ୍ରି କରି ଛାଡି ଦିଆଯାଉଛି ବୋଲି ଅଭିଯୋଗ ହେଉଛି । ସେହିପରି ବିନା ଇନ୍‌ସ୍ୟୁରାନ୍ସ ବାଇକ ଚୋରି ହେଲେ ପୁଲିସ୍ ମାମଲା ରୁଜୁ କରିବାକୁ ମନା କରିଦେଉଛି । ତାଳମେଳ ଅଭାବ ବାଇକ୍‌ର ବୀମା ଅବଧି ଜାରି ଥିଲେ ପୁଲିସ୍ ମାମଲା ରୁଜୁ କରୁଛି । ନଥିଲେ ହଇରାଣ କରୁଛି । ବୀମା ଥିବା ବାଇକ୍‌ର ମାଲିକ ଇନ୍‌ସ୍ୟୁରାନ୍ସ କମ୍ପାନୀ ଠାରୁ ଟଙ୍କା ପାଇଯାଏ । କ୍ଷେତ୍ର ବିଶେଷରେ ଅନ୍ୟ କୌଣସି ଥାନା ପୁଲିସ୍ ଉକ୍ତ ବାଇକ୍ ଉଦ୍ଧାର କରି ସଂପୃକ୍ତ ମାଲିକଙ୍କୁ ଯୋଗାଯୋଗ କରେ । ହେଲେ ବୀମା ଟଙ୍କା ପାଇସାରିଥିଲେ ମାଲିକ ଆଉ ଗାଡ଼ି ଆଣିବାକୁ ଯାଏନାହିଁ । ଫଳରେ ଗାଡ଼ି ଥାନାରେ ପଡ଼ି ଖତ ହୁଏ । ଚୋରା ଗାଡ଼ି ଜବତ ବିଷୟରେ ବୀମା ସଂସ୍ଥା ଖବର ପାଏନାହିଁ । କାରଣ ପୁଲିସ୍ ଓ ବୀମା ସଂସ୍ଥା ମଧ୍ୟରେ ତଥ୍ୟ ଆଦାନପ୍ରଦାନର କୌଣସି ବ୍ୟବସ୍ଥା ନାହିଁ । ସମନ୍ୱୟ ଅଭାବରୁ ଏମିତି ଶହ ଶହ ଗାଡ଼ି ଖତ ଯାଉଛି । ଉଦାହରଣ ସ୍ୱରୂପ ପୁରୀ ପୁଲିସ୍ ଜବତ କରିଥିବା ଗାଡ଼ି ବିଷୟରେ ଭୁବନେଶ୍ୱର ପୁଲିସ୍ ପାଖରେ କୌଣସି ତଥ୍ୟ ରହୁନାହିଁ । ଯାହା ରାଜ୍ୟ ପୁଲିସ୍ ପାଇଁ ବଡ଼ ସମସ୍ୟା ପାଲଟୁଛି । ଚୋରା ଗାଡ଼ିକୁ ଚୋରମାନେ କ'ଣ କରୁଛନ୍ତି କମିଶନରେଟ୍ ପୁଲିସ୍‌ର କିଛି ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ଚୋରମାନେ ବାଇକ୍ ନେବା ପରେ



ପ୍ରଥମେ ବିଭିନ୍ନ ପାର୍କିଂସ୍ଥାନରେ ଗାଡ଼ି ରଖିଦିଅନ୍ତି । ଯଦି ବାଇକ୍ ବହୁତ ପୁରୁଣା ତା'ହେଲେ ମଉକା ଦେଖି କବାଡ଼ିଖାନାକୁ ନେଇ ଗାଡ଼ିକୁ କାଟି କବାଡି ଦରରେ ବିକ୍ରି କରିଦିଅନ୍ତି । ତା'ଛଡା ପଶ୍ଚିମବଙ୍ଗ ଓ ବାଂଲାଦେଶର କିଛି ଗ୍ୟାଙ୍ଗ୍ ଗାଡ଼ି ଚୋରି କରି ନେଇ ପଳାଉଛନ୍ତି । ସେମାନଙ୍କୁ ଧରିବା କଷ୍ଟକର ବୋଲି ସେମାନେ କହିଛନ୍ତି । ଯଦି ବାଇକ୍ ଭଲ ଅଛି ତା'ହେଲେ ଉକ୍ତ ଗାଡ଼ିର ନମ୍ବର ବଦଳାଇ ଚୋରମାନେ ତା'କୁ ଧରି ବୁଲୁଛନ୍ତି ।